## ସଂକ୍ଷେପରେ

### ଯାନ୍ତ୍ରିକ ତ୍ରୁଟିରୁ ଅଧଘଣ୍ଟା ଅଟକିଲା ବିଶାଖାପାଟଣା- କିରଣ୍ଡୁଲ ପାସେଞ୍ଜର

କୋରାପୁଟ,୧୭(ଅମିତାଭ ବେହେରା) ଯାନ୍ତ୍ରିକ ତ୍ରୁଟି ଯୋଗୁ ଆନ୍ଧ୍ରର ବିଶାଖାପାଟଣାରୁ ଛତିଶଗଡ଼ର କିରଣ୍ଡୁଲକୁ ଯାଉଥିବା ଯାତ୍ରୀବାହୀ ଟ୍ରେନ ଶନିବାର ଅପରାହ୍ନରେ କୋରାପୁଟ-ବିଶାଖାପାଟଣା ରେଳପଥର ପାଲିବାରେ ପ୍ରାୟ ଅଧଘଣ୍ଟା ଅଟକି ଥିଲା। ଅପରାହ୍ନ ପ୍ରାୟ ୨ଟାବେଳେ ପାଲିବା ଷ୍ଟେସନରେ ଟ୍ରେନ୍ ଅଟକି ଥିଲା। ରେଳ ବିଭାଗର ଯାନ୍ତ୍ରିକ ଟିମ୍ ମରାମତି କରିବା ପରେ ଟ୍ରେନଟି କୋରାପୁଟ ଦେଇ କିରଣ୍ଡୁଲ ଅଭିମୁଖେ ଯାଇଥିବା କୋରାପୁଟ ଷ୍ଟେସନ ପକ୍ଷରୁ କୁହାଯାଇଛି।

### ୬୦ କେଜି ଗଞ୍ଜେଇ ଜବତ



ଜୟପୁର,୧୭ (ପବନ ପାଣିଗ୍ରାହୀ)- ବାରିଣିପୁଟରେ ଜୟପୁର ସଦର ପୋଲିସ ଶନିବାର ଗାଡିମୋଟର ଯାଞ୍ଚ କରୁଥିବା ବେଳେ ୨ ଜଣ ଯୁବକଙ୍କଠାରୁ ଗଞ୍ଜେଇ ଜବତ କରିଛି। ସେମାନେ ସ୍କୁଟିରେ ଗଞ୍ଜେଇ ଧରି ଆସୁଥିଲେ। ତେବେ ବାରିଣିପୁଟଠାରେ ପୋଲିସକୁ ଦେଖି ସ୍କୁଟି ଛାଡି ନିକଟସ୍ଥ ଜଙ୍ଗଲକୁ ଦୌଡି ପଳାଇଥିଲେ। ଜବତ ଗଞ୍ଜେଇ ପରିମାଣ ୬୦ କେଜି ବୋଲି ଜଣାପଡିଛି। ଘଟଣାସ୍ଥଳରୁ ଗଞ୍ଜେଇ ଓ ସ୍କୁଟି ଜବତ କରି ପୋଲିସ ଆଣିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ୨ ସ୍ଥାନରେ ବନ ମହୋତ୍ସବ

ଜୟପୁର/ନନ୍ଦପୁର, ୧୭(ପବନ ପାଣିଗ୍ରାହୀ/ଶଙ୍କର ପୂଜାରୀ)- ଜୟପୁର ହାତୀଶାଳ ନିକଟସ୍ଥ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ୭୪ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଜୟପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡ଼ା, ଫରେଷ୍ଟର୍ ରଞ୍ଜିତା ନାୟକ,ବନ ସଂରକ୍ଷଣ ସମିତିରସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ।
ସେହିପରି ନନ୍ଦପୁର ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲ ଓ ପାହାଡ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ନନ୍ଦପୁରର ପର୍ଯ୍ୟଟନସ୍ଥଳୀ ରାଣୀ ଡୁଡୁମା ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଶତାଧିକ ବର ଓସ୍ତ ଆଦି ବୃକ୍ଷରୋପଣ କରାଯାଇଥିଲା। ନନ୍ଦପୁର ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧରେ ବନପାଳ ଗୋପୀନାଥ ପାଙ୍ଗି, ଚିତରଞ୍ଜନ ନାୟକ, ନିର୍ମଳ ଆନନ୍ଦ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଭାତ ଗୁରୁମାଇଁ, ମୁନା ଦଳପତି, ବନରକ୍ଷୀ ସୁବ୍ରତ ବଡନାୟକ, ସବିତା ସାହୁ, ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ଦାୟିତ୍ୱରେ ଥିବା ମହିଳା ମଣ୍ଡଳ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମେଟାପାଡୁ ଗ୍ରାମରେ ସପ୍ତାହେ ରହିବେ ଡାକ୍ତରୀ ଟିମ୍

- ଝାଡାବାନ୍ତିରେ ଆକ୍ରାନ୍ତ ହୋଇପଡିଛନ୍ତି ଗ୍ରାମବାସୀ
- ପରିବେଶ ସଫାସୁତରା ରଖିବାକୁ ଦେଉଛନ୍ତି ପରାମର୍ଶ

ପଟ୍ଟାଙ୍ଗି,୧୭(ଶରତ ଧଳ)



ମେଟାପାଡୁ ଗ୍ରାମରେ ଚିକିତ୍ସା ଜାରି ରଖିଥିବା ଡାକ୍ତରୀ ଟିମ୍ ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଳଗୋଲୁର ପଞ୍ଚାୟତର ମେଟାପାଡୁ ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତିର ନିୟନ୍ତ୍ରଣ ଲାଗି ଗ୍ରାମରେ ଶନିବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍, ପଟ୍ଟାଙ୍ଗି ଓ ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚିଛନ୍ତି। ଏହି ଡାକ୍ତରୀ ଟିମ୍ ଏକ ସପ୍ତାହ ଅର୍ଥାତ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଗ୍ରାମରେ ରହିବେ। ଏହି ଗ୍ରାମରେ ଝାଡାବାନ୍ତି ଦେଖାଦେଇ ଜଣଙ୍କର ମୃତ୍ୟୁ ହୋଇଛି। ୫ଜଣ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ପଟ୍ଟାଙ୍ଗି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ୨ଜଣ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ମେଟାପାଡୁ ଗ୍ରାମକୁ କିଛି ଦିନ ତଳେ ଆନ୍ଧ୍ରର ଜଣେ ଯୁବକ ନିଜ ସମ୍ପର୍କୀୟଙ୍କ ଘରକୁ ଆସିଲେ। ସମ୍ପୃକ୍ତ ଯୁବକ ଜଣକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେ ଭଲ ହୋଇ ଗ୍ରାମକୁ ଫେରିବା ପରେ ମେଟାପାଡୁ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିଲା। ଡାକ୍ତରୀ ଟିମ୍ ଗ୍ରାମର ପ୍ରତି ଘରର ସଦସ୍ୟଙ୍କୁ ଚିକିତ୍ସା କରି ଔଷଧ ଦେଉଛନ୍ତି। ପରିବେଶ ସଫାସୁତୁରା ରଖିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। ଶନିବାର କେହି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନାହାନ୍ତି ବୋଲି ଡାକ୍ତର ଭାଗବତ ମୁର୍ମୁ କହିଛନ୍ତି। ସୂଚନାଯୋଗ୍ୟ, ଏହି ଗ୍ରାମରେ ପିଏଚଇଓ ବିଜୟ ଖିଲ, ଡାକ୍ତର ସୀମାରାଣୀ ସାହୁ, ଫାର୍ମାସିଷ୍ଟ ସୁଖଦ ଜେନା, ଏଏନଏମ୍ କୁମୁଦୁନୀ ପୂଜାରୀ, ସୁଜାତା ତନ୍ତି, ଜିଲା ମାହାମାରୀ ବିଶେଷଜ୍ଞ ସୁନିତା ଜେନା, କାମରାଜୁ ପଲେଇ ରହିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଆରଡି ବିଭାଗ କର୍ମଚାରୀ ମଧ ଗ୍ରାମରେ ପହଞ୍ଚି ନିଜ ନିଜ କାର୍ଯ୍ୟ ତଦାରଖ କରୁଥିବା ଦେଖିବାକୁ ମିଳିଛି।

# ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ୭ ବର୍ଷର ଜୁନେଶଙ୍କୁ ମିଳୁନି ଭତ୍ତା

ଦଶମନ୍ତପୁର,୧୭ (ଅରବିନ୍ଦ ନାୟକ)




ଜୁନେଶ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ବିରିଘାଟ ଗ୍ରାମର ଜଣେ ଭିନ୍ନକ୍ଷମ ଶିଶୁଙ୍କୁ ଆବଶ୍ୟକ ପ୍ରମାଣପତ୍ର ମିଳୁ ନ ଥିବାରୁ ସେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଖବରରୁ ଜଣାପଡ଼ିଛି, ଉକ୍ତ ଗ୍ରାମର ବିଜୟ ଜାନିଙ୍କ ପୁଅ ଜୁନେଶ (୭) ଜଣେ ଭିନ୍ନକ୍ଷମ । ତାଙ୍କର ଜନ୍ମରୁ ହିଁ ୨ ହାତରେ ସମ୍ପୂର୍ଣ୍ଣ ଆଙ୍ଗୁଠି ନାହିଁ। ବାମ ପାର୍ଶ୍ୱ ଗୋଡ଼ର ୪ଟି ଆଙ୍ଗୁଳି ମଧ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । ଜୁନେଶ ପୋଡ଼ାଗଡ଼ ପଞ୍ଚାୟତର କୁନ୍ଦ୍ରା ସେବାଶ୍ରମରେ ୨ୟ ଶ୍ରେଣୀରେ ପାଠ ପଢୁଛନ୍ତି। ଅସମ୍ପୂର୍ଣ୍ଣ ଆଙ୍ଗୁଳି ଯୋଗୁ ସେ ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାପୁଲିକୁ

**ତଦନ୍ତକରି ପଦକ୍ଷେପ ନେବି: ଜିଲା ସମାଜ ମଙ୍ଗଳ ଅଧିକାରୀ**

ଜାବୁଡ଼ି ସେ ଲେଖାଲେଖି କରୁଥିବା ବିଜୟ କହିଛନ୍ତି। ଜୁନେଶଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ଭିନ୍ନକ୍ଷମ ଭତ୍ତା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ଦଶମନ୍ତପୁରରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ଶିବିରଠାରୁ ଆରମ୍ଭକରି କୋରାପୁଟରେ ଅନୁଷ୍ଠିତ ଜିଲାସ୍ତରୀୟ ଭିନ୍ନକ୍ଷମ ଶିବିରରେ ବାରମ୍ବାର ନାମ ପଞ୍ଜୀକରଣ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନ ବିଜୟ ପ୍ରକାଶ କରିଛନ୍ତି। ଜୁନେଶଙ୍କୁ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଦିଲୀପ ହିଆଲଙ୍କୁ ପଚାରିବାରୁ ସେ ଏହାର ତଦନ୍ତକରି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଲାଗି ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ଘର ତାଲାଭାଙ୍ଗି ଗଞ୍ଜେଇ ଜବତ କଲା ପୋଲିସ

**ଅଭିଯୁକ୍ତ ଫେରାର, ଗଞ୍ଜେଇର ମୂଲ୍ୟ ୧୧ ଲକ୍ଷ**

କୋରାପୁଟ/ଲମତାପୁଟ, ୧୭ (ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ)




ଜବତ ଗଞ୍ଜେଇ।

ଘରର ତାଲା ଭାଙ୍ଗି ଗଚ୍ଛିତ ଥିବା ଗଞ୍ଜେଇକୁ ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଜବତ କରିଛି। ତେବେ ଘରମାଲିକ ଘରୁ ଫେରାର ହୋଇଯାଇଛନ୍ତି। ଖବରରୁ ଜଣାପଡିଛି, ବଲେଲ ପଞ୍ଚାୟତ ଅନ୍ତର୍ଗତ ମାହାଡା ଗ୍ରାମର ଜୟରାମ ବଡ଼ନାୟକଙ୍କ ଘରେ ବାହାର ରାଜ୍ୟକୁ ଚୋରାଚାଲାଣ ଲାଗି ଗଞ୍ଜେଇ ଗଚ୍ଛିତ ଥିବା ସୂଚନା ପାଇ ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଶନିବାର ଜୟରାମଙ୍କ ଘର ଉପରେ ଚଢାଉ କରିଥିଲେ। ତେବେ ଏ ସମ୍ପର୍କରେ ଆଗୁଆ ସୁରାକ ପାଇ ଜୟରାମ ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ୍‌ଙ୍କ ଦାୟିତ୍ୱରେ ଥିବା ମାଛକୁଣ୍ଡ ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ଘର ଭିତରୁ ୫ଟି ବସ୍ତାରେ ରଖାଯାଇଥିବା ଗଞ୍ଜେଇ ଜବତ କରିଥିଲା। ଏହାର ପରିମାଣ ୧୧୩ କେଜି ଏବଂ ବଜାର ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଜୟରାମଙ୍କ ବିରୋଧରେ ଏନ୍‌ଡିପିଏସ୍‌ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ମାଛକୁଣ୍ଡ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।



ଚାରିପଟେ ପାହାଡ ଓ ଅନ୍ଧାରୀନଦୀ ଘେରି ରହିଥିବା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଶିସକୁଡ଼ି ଗ୍ରାମର ପିଲାମାନେ ନଦୀ ପାର ହୋଇ ବିଦ୍ୟାଳୟକୁ ଯାଉଛନ୍ତି। (ଫଟୋ-ଅମିତାଭ ବେହେରା)

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜୟପୁର,୧୭ (ପବନ ପାଣିଗ୍ରାହୀ)

ଜୟପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଏନ୍. ପଦ୍ମାବତୀ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟରୁ ପଦୋନ୍ନତି ପାଇ କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ଯାଇଥିବା କାଳୀପ୍ରସାଦ ମିଶ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅତିଥି ରୂପେ ବିଦ୍ୟାଳୟର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ଶିକ୍ଷକ ପ୍ରଭାତ ରଥ, ଶିକ୍ଷୟିତ୍ରୀ ଶଶିରେଖା ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ସହକାରୀ ଶିକ୍ଷୟିତ୍ରୀ ପଦ୍ମାବତୀଙ୍କ ଶିକ୍ଷକତା ଜୀବନ, ତାଙ୍କ ସମୟାନୁବର୍ତ୍ତିତା ଓ ଶିକ୍ଷାଦନ ଶୈଳୀ ଉପରେ ଆଲୋକପତ କରିଥିଲେ। ପଦ୍ମାବତୀ ୧୯୮୭ରେ ଏସ୍.ଏସ୍. ସରକାରୀ ଉଚ୍ଚ ବିଦ୍ୟାଳୟ ଉମରକୋଟରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ନବରଙ୍ଗପୁରରେ ଶିକ୍ଷକତା କରି ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସିଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷକ ସୁଜିତ୍ ନାୟକ, ଦୁର୍ଗା ପ୍ରସାଦ ପାତ୍ର, ଭଗବାନ ସାବତ, ନରେଶ ଷଡ଼ଙ୍ଗୀ, ସୋମନାଥ ସାକିଆ, ହିତକର ଚରତି, ଦେବେନ୍ଦ୍ର ପାଢ଼ୀ, ଏସ୍. ନାଗେଶର ରାଓ,ଏ. ମୁରଲୀ, ବନିତା ଶତପଥୀ, ବନିତା ପଣ୍ଡାଙ୍କ ସମେତ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ କେ.ପ୍ରମିଳା ମାନପତ୍ର ପାଠ କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଫୁଟବଲ ଖେଳାଳି ଚୟନ ଶିବିରରେ ଯୋଗ ଦେବାକୁ ନୂଆଦିଲ୍ଲୀ ଗଲେ ରୋନାଲ୍ଡ

କୋରାପୁଟ,୧୭(ଅମିତାଭ ବେହେରା)



ବିଭାଗ ପକ୍ଷରୁ ରୋନାଲ୍ଡଙ୍କୁ କିଟ୍ ପ୍ରଦାନ କରାଯାଉଛି ।

ନୂଆଦିଲ୍ଲୀଠାରେ ହେବାକୁ ଥିବା ଜାତୀୟସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିରରେ ଯୋଗଦେବାକୁ କୋରାପୁଟ ମାଟିର ପୁଅ ରୋନାଲଡ ହରିଜନ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଦିଲ୍ଲୀ ଗସ୍ତ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଜିଲା କ୍ରୀଡା ବିଭାଗ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ରୋନାଲଡଙ୍କୁ ଏକ ଫୁଟବଲ କିଟ୍ ଓ ଜର୍ସି ବିଭାଗ ପ୍ରଦାନ କରିଛି ବିଭାଗ। ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ତାଙ୍କ ସଫଳତା ନେଇ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ରୋନାଲଡ ଜଣେ ଗରିବ ପରିବାରର ଯୁବକ। ଫୁଟବଲ ଖେଳ ତାଙ୍କ ଜୀବନର ଏକ ଅଙ୍ଗ ପାଲଟିଛି।

## ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୧୭ (ପବନ ପାଣିଗ୍ରାହୀ )

**ଟିପିଏସ୍‌ଓଡିଏଲ୍ ପକ୍ଷରୁ ଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା**

ଜୟପୁର ଟି.ପି. ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ ପକ୍ଷରୁ ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଜଗଦୀଶ ଚନ୍ଦ୍ର ନାୟକ ଉଚ୍ଚବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଓ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କ୍ରୀଡ଼ା ଶିକ୍ଷକ ବାସୁଦେବ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଉପେନ୍ଦ୍ର ଦୀପ୍, କମଳ ଲୋଚନ ଶିଶା, ଶିକ୍ଷୟିତ୍ରୀ ମାଧୁରୀ ମଧୁମିତା, ସୁଧାରାଣୀ ଭୂପତି ଉପସ୍ଥିତ ଥିଲେ। ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ ଇଂ. ସୌମ୍ୟ ରଞ୍ଜନ ଲେଙ୍କା ପିଲାଙ୍କୁ ବୁଝା ବିଦ୍ୟୁତ ବ୍ୟବହାର ସମୟରେ ଉପଯୁକ୍ତ ସୁରକ୍ଷା ଅବଲମ୍ବନ କରିବା ଆବଶ୍ୟକ ବୋଲି କହିଥିଲେ। ଅତିଥି ରୂପେ ସିଆର୍‌ସିସି ଜୀବନ ଜ୍ୟୋତି ମିଶ୍ର ଓ ସୁରଜିତ୍ ସ୍ୱାଇଁ ଯୋଗଦେଇ ବିଦ୍ୟୁତ୍ ବ୍ୟବହାର ବେଳେ ନିଜର ସୁରକ୍ଷା ପ୍ରତି ସମସ୍ତେ ଧ୍ୟାନ ଦେବ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରା ପରିଚାଳନା କରିଥିଲେ। ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତା ରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରମାନେ ହେଲେ ଯଥାକ୍ରମେ କ୍ରିଷ୍ଣା ନାୟକ, ସୁରଜ ପରଜା ଓ ଅନନ୍ତ କୁମ୍ଭାରଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ଏ. ଶ୍ୱେତା ଧନ୍ୟବାଦ ଦେଇଥିଲେ।

# ଛାତ୍ରୀ ତ୍ରିଶାଙ୍କ ଇଂଲିଶ କବିତା ପୁସ୍ତକ ଉନ୍ମୋଚିତ

ବୋରିଗୁମ୍ମା,୧୭(ବିଜୟ ସାହୁ)

ବୋରିଗୁମ୍ମା ଟାଉନ ହଲଠାରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଏନ. ତ୍ରିଶା ତାନ୍ୟାଙ୍କ ଲିଖିତ ଇଂଲିଶ କବିତା ପୁସ୍ତକ 'ସେଣ୍ଟିମେଣ୍ଟସ ଅଫ୍ ଏଡ଼ଲସେଣ୍ଟ' ଉନ୍ମୋଚିତ ହୋଇଯାଇଛି। ଉକ୍ତ କବିତା ପୁସ୍ତକରେ ୭୦ଟି ପାରମ୍ପରିକ ଓ ସାମ୍ପ୍ରତିକ ଘଟଣାବଳୀକୁ ନେଇ ରଚିତ କବିତା ସ୍ଥାନିତ ହୋଇଛି। ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ତାରଭଙ୍ଗା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରାଜୀବ ଲୋଚନ ପଟେଲ ମୁଖ୍ୟଅତିଥି, ଅଧାପକ ସରୋଜ ପ୍ରହରାଜ ମୁଖ୍ୟବକ୍ତା, ଆର. ମାଧବ ରାଓ ପଟ୍ଟନାୟକ, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ଦାଶ, ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଚନ୍ଦନ ନାୟକ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ବିଜୟ ରଥ, ହୃଷିକେଶ ମହାରଣା, ସତ୍ୟ ଆଚାରି, ଟୁଟୁ ସାହୁ, ଅଶୋକ ବେହେରା, ଅଶୋକ ଷଡଙ୍ଗୀ, ମନୋଜ ବିଶୋୟୀ, ରମାକାନ୍ତ ବେହେରା,ମୃତ୍ୟୁଞ୍ଜୟ ପଣ୍ଡା,ଅଜିତ ଗନ୍ତାୟତ,କିଶୋର ସାହୁ, ଶିକ୍ଷକ ଏନ. କାମେଶ୍ୱର ରାଓଙ୍କ ସହ ଉପସ୍ଥିତ ଥିବା ଅନ୍ୟମାନେ ତାନ୍ୟାଙ୍କ ପୁସ୍ତକସ୍ଥ କବିତା ଗୁଡିକ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଏନ.ରାଜେଶ କୁମାର ଓ ଜି.ଗାୟତ୍ରୀଙ୍କ ଝିଅ ତାନ୍ୟାଙ୍କ ଏହା ଦ୍ୱିତୀୟ ପୁସ୍ତକ। ଏହା ପୂର୍ବରୁ ସେ 'ଏ ନୋଟ ହ୍ୱାଟ୍ ଆଇ ଥଟ' ରଚନା କରିଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷକ ରାଜେଶ ନାୟକ ପରିଚାଳନା କରିଥିଲେ। ଏନ. ରାଜେଶ କୁମାର ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ତାନ୍ୟାଙ୍କ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

# କୋରାପୁଟରେ ରକ୍ତହୀନତା ଯାଞ୍ଚ କେନ୍ଦ୍ରର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ





ଭିଡିଓ କନ୍‌ଫରେନ୍ସ ମାଧମରେ ରକ୍ତହୀନତା ଯାଞ୍ଚ କେନ୍ଦ୍ରର ଶୁଭାରମ୍ଭ ଅବସରରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ । ଜୟପୁର କାର୍ଯ୍ୟକ୍ରମରେ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

କୋରାପୁଟ/ଜୟପୁର,୧୭ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)

ରାଷ୍ଟ୍ରୀୟ ରକ୍ତଶିକୁଳିଜନିତ ରକ୍ତହୀନତା (ସିକିଲସେଲ) ନିରାକରଣ ଅଭିଯାନ କୋରାପୁଟସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ୟୁପିଏଚସି)ରେ ଆରମ୍ଭ ହୋଇଛି। ଏହି ରୋଗର ରକ୍ତହୀନତା ଯାଞ୍ଚ କେନ୍ଦ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ମାଧମରେ ଶନିବାର ଶୁଭାରମ୍ଭ କରିଛନ୍ତି। ଏହି କେନ୍ଦ୍ର ଦ୍ୱାରା କୋରାପୁଟ ଜିଲା ସମେତ ଅବିଭକ୍ତ କୋରାପୁଟ ଜିଲାରେ ଥିବା ହଜାର ହଜାର ସିକିଲସେଲ ରୋଗରେ ପିଡିତ ରୋଗୀ ଉପକୃତ ହେବେ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । କୋରାପୁଟ ଜିଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ମୁଖ୍ୟଅତିଥି, ଜିଲା ପରିଷଦ ଅଧକ୍ଷ ସସ୍ମିତା ମେଲକା, ବିଧାୟକ ରଘୁରାମ ପଡାଲ, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣ କୁଳଦୀପ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏହାଦ୍ୱାରା ସିକିଲସେଲ ରୋଗଜନିତ ରକ୍ତହୀନତାର ସଠିକ ଭାବେ ଯାଞ୍ଚ କରିହେବ ବୋଲି ମତ ପ୍ରକାଶ କରିଥିଲେ। ଜିଲାରେ ବର୍ତ୍ତମାନ ସୁଦ୍ଧା ସିକିଲସେଲ ରୋଗଜନିତ ରକ୍ତହୀନତାରେ ୨୦୯୫ ଜଣ ଗର୍ଭବତୀ ମହିଳା ଚିହ୍ନଟ ହୋଇଥିବା ଏଡିପିଏଚଓ ଡାକ୍ତର ନୀଳମାଧବ ଶତପଥୀ ସୂଚନା ଦେଇଥିଲେ। ନୂତନ ଭାବେ ରକ୍ତହୀନତାରେ ଚିହ୍ନଟ ହୋଇଥିବା ୮ ଜଣ ଗର୍ଭବତୀ ମହିଳାଙ୍କୁ ମୁଖ୍ୟ ଅତିଥି ଉଲ୍ଲାକା ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡାକ୍ତର ରେଣୁକା ଦାସ, ଡାକ୍ତର ସୁଶାନ୍ତ ଦାସ ପରିଚାଳନା କରିଥିଲେ।

**ରାଷ୍ଟ୍ରୀୟ ରକ୍ତଶିକୁଳିଜନିତ ରକ୍ତହୀନତା ନିରାକରଣ ଅଭିଯାନ**

ସେହିପରି ଜୟପୁରସ୍ଥିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରଠାରେ ମଧ ରାଷ୍ଟ୍ରୀୟ ରକ୍ତଶିକୁଳିଜନିତ ରକ୍ତହିନତା ନିରାକରଣ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଗର୍ଭବତୀ ମା, ପ୍ରସୂତି ମହିଳାଙ୍କ ସହ ଛୋଟ ଶିଶୁମାନେ ଯେପରିକି ଏହି ରୋଗରେ ଆକ୍ରାନ୍ତ ନ ହେବେ ସେ ନେଇ ସଚେତନ କରାଯାଇଥଲା। କାର୍ଯ୍ୟକ୍ରମକୁ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା ଉଦ୍‌ଘାଟନ କରଥିଲେ। ଏହି ଅବସରରେ ୨୭ ଜଣ ଗର୍ଭବତୀ ମହିଳାଙ୍କୁ ରକ୍ତଶିକୁଳିଜନିତ ରକ୍ତହିନତା ରୋଗର ପ୍ରମାଣ ପ୍ରଦାନ କରାଯାଇଥିଲା। ଡାକ୍ତର ସୁରେଶ ପାଣିଗ୍ରାହୀ, ଡାକ୍ତର ତଥାଗତ ରଥ, ପିଏଚଏମ ସଞ୍ଜୟ ସ୍ୱାଇଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୁପରଭାଇଜର ସତ୍ୟ ନାରାୟଣ ପାତ୍ର, ପ୍ରସନ୍ନ ସାହୁ, ଲିଙ୍ଗରାଜ ପାତ୍ରୀ କରିଚାଳନା କରିଥିଲେ।

# ଗୌରୀଙ୍କୁ ହତ୍ୟା ଲାଗି ୩୦ ଲକ୍ଷର ଡିଲ୍

- ବହୁ ଚର୍ଚ୍ଚିତ ଗୌରୀ ମିଶ୍ର ହତ୍ୟା ମାମଲାରୁ ହଟିଲା ପରଦା
- ଜମି ବିବାଦରୁ ଗୌରୀଙ୍କୁ ହତ୍ୟା
- ପ୍ରମାଣ ନଷ୍ଟ ପାଇଁ ସୁପାରି କିଲର ରାଜାଙ୍କୁ ହତ୍ୟା
- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୭ ଗିରଫ

ରାୟଗଡ଼ା,୧।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଗୁଣପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଗୌରୀ ମିଶ୍ର ହତ୍ୟା ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ । ଏହି ଘଟଣା ସହିତ ଜଡ଼ିତ ରାଜେଶଙ୍କ ହତ୍ୟା ଘଟଣା ଉପରୁ ମଧ୍ୟ ହଟିଛି ପରଦା । ଉଭୟ ହତ୍ୟାକାଣ୍ଡର ସମସ୍ତ ତଥ୍ୟ ରାୟଗଡ଼ା ପୋଲିସ ଶନିବାର ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରିଛି । ଜମି ବିବାଦରୁ ଗୌରୀ ମିଶ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଏସପି ବିବେକାନନ୍ଦ ଶର୍ମା । ସୁପାରି କିଲର ଦ୍ୱାରା ଗୌରୀଙ୍କ ହତ୍ୟା କରାଯିବା ପରେ ସୁପାରି ଟଙ୍କା ବିବାଦରୁ ରାଜେଶଙ୍କୁ ହତ୍ୟା କରାଯାଇଥିବା ଏସପି ଶର୍ମା କହିଛନ୍ତି। ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ୯ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୭ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଆଉ ୨ଜଣ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତ ଗଞ୍ଜାମ ଜିଲା ଛତ୍ରପୁରର କାହ୍ନା ପ୍ରଧାନ ଓ ଗଜପତି ଜିଲା ଆର.ଉଦୟଗିରିର ମୁନା ପ୍ରଧାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ହତ୍ୟା ଘଟଣାରେ ବ୍ୟବହୃତ ୨ଟି ମାଉଜରକୁ ପୋଲିସ ଜବତ କରିଛି । ସେହିଭଳି ଗୋଟିଏ ବାଇକ ମଧ୍ୟ ଜବତ ହୋଇଛି।

୨ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଆର୍. କ୍ରିଷ୍ଣା, ଏ. ଗୋବିନ୍ଦା, ଡି. ଭେଙ୍କଟ ରାଓ, ବି. ଆକାଶ କୁମାର, ଗୋବିନ୍ଦା, ବିନୋଦ ବାଉରି, କେ. ଅରୁଣ କୁମାର ଓରଫ ଚାଣ୍ଟି ଓ ମୁନା ପିଡ଼ିକାଙ୍କୁ ପୋଲସ ଗିରଫ କରିଛି। ତେବେ ଗୌରୀଙ୍କୁ ଗୁଳିକରି ହତ୍ୟା କରିଥିବା ଗୁଣପୁରର ସୁପାରି କିଲର ଭି.ରାଜେଶ ଓରଫ ରାଜାଙ୍କୁ ପ୍ରମାଣ ନଷ୍ଟ ପାଇଁ ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣାଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଗତ ଜୁନ୍ ୧୯ ତାରିଖରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ଆନନ୍ଦପୁରମ ନିକଟରେ ଥିବା ଏକ ଜଙ୍ଗଲରେ ହତ୍ୟାକରି ମାଟି ଖୋଳି ପୋତିଦେଇଥିବା ପୋଲିସ ସୂଚନା ଦେଇଛି।

ଘଟଣାରୁ ପ୍ରକାଶ ଯେ, ୨୦୦୯ରେ ୧୫ଲକ୍ଷ ଟଙ୍କାରେ ଗୁଣପୁର ସହରର ମୁଖ୍ୟ ସ୍ଥାନରେ ୨ ଏକର ୮୮.୫ ଡିସିମିଲ ଜମି କ୍ରୟକୁ ନେଇ ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା ଏବଂ ଗୌରୀ ମିଶ୍ରଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ କ୍ରୟ ହୋଇଥିବା ଜମିକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗୌରୀଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ତାଙ୍କୁ ଜୀବନରୁ ମାରିଦେବାକୁ ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା ଯୋଜନାକରି ଗୁଣପୁରର ସୁପାରି କିଲର ରାଜାଙ୍କ ସହ ୩୦ ଲକ୍ଷ ଟଙ୍କାର ଡିଲ୍ କରିଥିଲେ। ଆଡଭାନ୍ସରେ ୧ ଲକ୍ଷ ଓ ହତ୍ୟା ପରେ ୧ ଲକ୍ଷ ୯୦ ହଜାର ଟଙ୍କା ରାଜାକୁ ଦେବା ପରେ ଆଉ ବାକି ଟଙ୍କା କ୍ରିଷ୍ଣା ଦେଇ ନ ଥିଲେ । ଏହାକୁ ନେଇ ଗୌରୀ ହତ୍ୟା ଘଟଣା ସମ୍ପର୍କରେ ଖୁଲାସା କରିଦେବା ନେଇ କ୍ରିଷ୍ଣାଙ୍କୁ ରାଜା ଧମକ ଦେଇଥିଲେ। ପୁଣି ରାଜାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନାକରି ଗତ ଜୁନ୍ ୧୯ରେ କ୍ରିଷ୍ଣା ଓ ଅନ୍ୟ ଅଭିଯୁକ୍ତମାନେ ରାଜାଙ୍କୁ ହତ୍ୟା କରିଥିଲେ ବୋଲି ପୋଲସ ସୂଚନା ଦେଇଛି। ଜିଲା ପୋଲିସ କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀରେ ଏସପି ଶର୍ମାଙ୍କ ସମେତ ଅତିରିକ୍ତ ଏସପି ବିଷ୍ଣୁ ପାତ୍ର ସମସ୍ତ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।

## ଥେରୁବାଲି, ସିଙ୍ଗାପୁର ରୋଡ୍ ଓ ଟିକିରିରେ ରହିବ ଟ୍ରେନ୍

ରାୟଗଡ଼ା,୧।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ୩ଟି ଷ୍ଟେଶନ ଥେରୁବାଲି, ସିଙ୍ଗାପୁର ରେଡ୍ ଏବଂ ଟିକିରି ରେଳ ଷ୍ଟେଶନଠାରେ ଟ୍ରେନ୍ ରହଣି ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି । ଟିକିରିଠାରେ ହାଓଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍, ଥେରୁବାଲିଠାରେ କୋର୍ବା-ବିଶାଖାପାଟଣା ଏକ୍ସପ୍ରେସ୍ ଓ ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ୍ ଏବଂ ସିଙ୍ଗାପୁର ରୋଡ୍‌ଠାରେ କୋର୍ବା-ବିଶାଖାପାଟଣା ଏକ୍ସପ୍ରେସ ରହଣି ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଥାଉକି, କୋଭିଡ୍ ପରଠାରୁ ଉକ୍ତ ଷ୍ଟେଶନଗୁଡ଼ିକରେ ଟ୍ରେନ ରହୁ ନ ଥିଲା । ଫଳରେ ଉକ୍ତ ଅଞ୍ଚଳର ଲୋକେ ବିଶାଖାପାଟଣା, ଭୁବନେଶ୍ୱର, ବ୍ରହ୍ମପୁର ଆଦି ସ୍ଥାନକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଅଞ୍ଚଳବାସୀ ବାରମ୍ବାର ଦାବି କରିବା ସହିତ ରେଳରୋକୋ ମଧ୍ୟ କରିଥିଲେ । ଏ ନେଇ ରାୟଗଡ଼ା ଜିଲା ଭାଜପା ଦଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲା । ମନ୍ତ୍ରୀ ପ୍ରଧାନ ଏ ନେଇ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ବର୍ତ୍ତମାନ ଉକ୍ତ ୩ଟି ଷ୍ଟେଶନରେ ଟ୍ରେନ୍ ରହିବା ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି । ଏ ନେଇ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ, ସମ୍ପାଦକ କିଶୋର ପଣ୍ଡା ଏବଂ ଅନ୍ୟ ଦଳୀୟ କର୍ମୀମାନେ ରେଳ ବିଭାଗ ଓ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ଯାନ୍ତ୍ରିକ ତ୍ରୁଟିରୁ ଅଧଘଣ୍ଟା ଅଟକିଲା ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର

କୋରାପୁଟ,୧।୭(ଅମିତାଭ ବେହେରା) ଯାନ୍ତ୍ରିକ ତ୍ରୁଟି ଯୋଗୁ ଆନ୍ଧ୍ରର ବିଶାଖାପାଟଣାରୁ ଛତିଶଗଡ଼ର କିରଣ୍ଡୁଲକୁ ଯାଉଥିବା ଯାତ୍ରୀବାହୀ ଟ୍ରେନ ଶନିବାର ଅପରାହ୍ନରେ କୋରାପୁଟ-ବିଶାଖାପାଟଣା ରେଳପଥର ପାଲିବାରେ ପ୍ରାୟ ଅଧଘଣ୍ଟା ଅଟକି ଥିଲା। ଅପରାହ୍ନ ପ୍ରାୟ ୨ଟାବେଳେ ପାଲିବା ଷ୍ଟେସନରେ ଟ୍ରେନ୍ ଅଟକି ଥିଲା। ରେଳ ବିଭାଗର ଯାନ୍ତ୍ରିକ ଟିମ୍ ମରାମତି କରିବା ପରେ ଟ୍ରେନଟି କୋରାପୁଟ ଦେଇ କିରଣ୍ଡୁଲ ଅଭିମୁଖେ ଯାଇଥିବା କୋରାପୁଟ ଷ୍ଟେସନ ପକ୍ଷରୁ କୁହାଯାଇଛି।

### ୬୦ କେଜି ଗଞ୍ଜେଇ ଜବତ



ଜୟପୁର,୧।୭ (ପବନ ପାଣିଗ୍ରାହୀ)- ବାରିଣିପୁଟରେ ଜୟପୁର ସଦର ପୋଲିସ ଶନିବାର ଗାଡିମୋଟର ଯାଞ୍ଚ କରୁଥିବା ବେଳେ ୨ ଜଣ ଯୁବକଙ୍କଠାରୁ ଗଞ୍ଜେଇ ଜବତ କରିଛି। ସେମାନେ ସ୍କୁଟିରେ ଗଞ୍ଜେଇ ଧରି ଆସୁଥିଲେ। ତେବେ ବାରିଣିପୁଟଠାରେ ପୋଲିସକୁ ଦେଖି ସ୍କୁଟି ଛାଡି ନିକଟସ୍ଥ ଜଙ୍ଗଲକୁ ଦୌଡି ପଳାଇଥିଲେ। ଜବତ ଗଞ୍ଜେଇ ପରିମାଣ ୬୦ କେଜି ବୋଲି ଜଣାପଡିଛି। ଘଟଣାସ୍ଥଳରୁ ଗଞ୍ଜେଇ ଓ ସ୍କୁଟି ଜବତ କରି ପୋଲିସ ଆଣିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ୨ ସ୍ଥାନରେ ବନ ମହୋତ୍ସବ

ଜୟପୁର/ନନ୍ଦପୁର, ୧।୭(ପବନ ପାଣିଗ୍ରାହୀ/ଶଙ୍କର ପୂଜାରୀ)- ଜୟପୁର ହାତୀଶାଳ ନିକଟସ୍ଥ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ୭୪ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଜୟପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡ଼ା, ଫରେଷ୍ଟର୍ ରଞ୍ଜିତା ନାୟକ,ବନ ସଂରକ୍ଷଣ ସମିତିରସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ। ସେହିପରି ନନ୍ଦପୁର ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲ ଓ ପାହାଡ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ନନ୍ଦପୁରର ପର୍ଯ୍ୟଟନସ୍ଥଳୀ ରାଣୀ ଡୁଡୁମା ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଶତାଧିକ ବର ଓସ୍ତ ଆଦି ବୃକ୍ଷରୋପଣ କରାଯାଇଥିଲା। ନନ୍ଦପୁର ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ଗୋପୀନାଥ ପାଙ୍ଗି, ଚିତରଞ୍ଜନ ନାୟକ, ନିର୍ମଳ ଆନନ୍ଦ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଭାତ ଗୁରୁମାଇଁ, ମୁନା ଦଳପତି, ବନରକ୍ଷୀ ସୁବ୍ରତ ବଡନାୟକ, ସବିତା ସାହୁ, ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ଦାୟିତ୍ୱରେ ଥିବା ମହିଳା ମଣ୍ଡଳ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କ ସହ ବିଷମକଟକ ବିକାଶ ମଞ୍ଚର ମିଳିତ ଆଲୋଚନା

**୧୦ ମାସରେ ୩ ଥାନା ଅଧିକାରୀଙ୍କ ବଦଳି ଘଟଣା**

ବିଷମକଟକ,୧।୭ (ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ବିଷମକଟକ ସଦର ଥାନାରେ ଗତ ୧୦ ମାସ ମଧ୍ୟରେ ୩ ଜଣ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ବଦଳି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୋଲିସ ବିଭାଗର ଏଭଳି ଏକଛତ୍ରବାଦ ନିଷ୍ପତ୍ତି ବିରୋଧରେ ବିଷମକଟକଠାରେ ଶାନ୍ତିପୂର୍ଣ୍ଣ ଭାବେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବା ନେଇ ବିଷମକଟକ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ବିଷମକଟକରେ ପହଞ୍ଚି ସମସ୍ତ ସଙ୍ଗଠନକୁ ଡାକି ମିଳିତ ଭାବେ ଆଲୋଚନା କରିଛନ୍ତି। ବିଷମକଟକ ଥାନା ଅଧିକାରୀଙ୍କୁ ସ୍ୱଳ୍ପ ବ୍ୟବଧାନରେ ବଦଳି କରାଯିବ ନାହିଁ ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନକୁ ସ୍ଥଗିତ କରିବା ପାଇଁ ସମସ୍ତ ସଙ୍ଗଠନକୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ବିଷମକଟକ ସହରରେ ସିସିଟିଭି ଲଗାଯିବା ସହ ଥାନାରେ କର୍ମଚାରୀ ଅଭାବ ବିଷୟରେ ଆଲୋଚନା କରାଯାଇଥିଲା।

ପ୍ରକାଶ ଥାଉକି, ଅଗଷ୍ଟ ୨୦୨୨ରୁ ଜୁନ୍ ୨୦୨୩ ପ୍ରାୟ ୧୦ ମାସ ମଧ୍ୟରେ ବିଷମକଟକ ସଦର ଥାନାରେ ୩ ଜଣ ଥାନା ଅଧିକାରୀଙ୍କ ବଦଳି ହୋଇଥିବା ଜଣାପଡ଼ିଛି । ଅଗଷ୍ଟ ୨୦୨୨ରେ ସୁବାସ କରକରିଆ, ୨୦୨୩ରେ ସୁମତି ପ୍ରଧାନ ଏବଂ ଜୁନ ୨୦୨୩ ରେ ରଶ୍ମିରଞ୍ଜନ ପ୍ରଧାନଙ୍କ ସ୍ୱଳ୍ପ ସମୟ ମଧ୍ୟରେ ବଦଳିକୁ ନେଇ ସ୍ଥାନୀୟ ନାଗରିକ ମଞ୍ଚ ବିଷମକଟକର ଆବାହକ ଗୋପାଳକୃଷ୍ଣ ପଟ୍ଟନାୟକ ଦୃଢ଼ ବିରୋଧ କରିଥିଲେ। ବିଷମକଟକ ବାର୍ ଆସୋସିଏସନ, ପ୍ରେସ୍ କ୍ଲବ ବିଷମକଟକ, ଡ୍ରାଇଭର ମହାସଂଘ, ବିଷମକଟକ ନାଗରିକ ମଞ୍ଚ, ବିଷମକଟକ କ୍ରିୟାନୁଷ୍ଠାନ କମିଟି, ଯୁବକ ସଂଘ, ସାମାଜିକ ଅନୁଷ୍ଠାନ, ସାମାଜିକ କର୍ମୀ, ସିଭିଲ ସୋସାଇଟି ଏବଂ ବୁଦ୍ଧିଜୀବୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ତେବେ ଏସ୍‌ପି ଶର୍ମା ସମସ୍ତ ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ମିଳିତ ଆଲୋଚନା କରିବା ପରେ ଆନ୍ଦୋଳନ ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ଏହି ବୈଠକରେ ଏସ୍‌ଡିପିଓ ଆକାଶ କୁମାର ସାହୁ, ଗୋପାଳ କୃଷ୍ଣ ପଟ୍ଟନାୟକ, ଡି. ଶିବପ୍ରସାଦ, ଦେବୀ ପ୍ରସାଦ ପଟ୍ଟନାୟକ, ଶଶିଭୂଷଣ ପଟ୍ଟନାୟକ, ଶିବରାମ ନାୟକଓ ବିଷମକଟକ ଡ୍ରାଭର ମହାସଂଘ ସଭାପତି ଉପସ୍ଥିତ ଥିଲେ ।



ପ୍ରଥମ ବୈଠକରେ ଏସଡିପିଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି। (ଫାଇଲ ଫଟୋ)

## ମେଟାପାଡୁରେ ଡାକ୍ତରୀ ଟିମ୍

**ଝାଡାବାନ୍ତିରେ ଆକ୍ରାନ୍ତ ଗ୍ରାମବାସୀ**

ପଟ୍ଟାଙ୍ଗି,୧।୭(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଳଗୋଲୁର ପଞ୍ଚାୟତର ମେଟାପାଡୁ ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତିର ନିୟନ୍ତ୍ରଣ ଲାଗି ଗ୍ରାମରେ ଶନିବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍, ପଟ୍ଟାଙ୍ଗି ଓ ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚିଛନ୍ତି। ଏହି ଡାକ୍ତରୀ ଟିମ୍ ଏକ ସପ୍ତାହ ଅର୍ଥାତ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଗ୍ରାମରେ ରହିବେ। ଏହି ଗ୍ରାମରେ ଝାଡାବାନ୍ତି ଦେଖାଦେଇ ଜଣଙ୍କର ମୃତ୍ୟୁ ହୋଇଛି। ୫ଜଣ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ପଟ୍ଟାଙ୍ଗି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ୨ଜଣ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ମେଟାପାଡୁ ଗ୍ରାମକୁ କିଛି ଦିନ ତଳେ ଆନ୍ଧ୍ରର ଜଣେ ଯୁବକ ନିଜ ସମ୍ପର୍କୀୟଙ୍କ ଘରକୁ ଆସିଲେ। ସମ୍ପୃକ୍ତ ଯୁବକ ଜଣକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେ ଭଲ ହୋଇ ଗ୍ରାମକୁ ଫେରିବା ପରେ ମେଟାପାଡୁ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିଲା। ଡାକ୍ତରୀ ଟିମ୍ ଗ୍ରାମର ପ୍ରତି ଘରର ସଦସ୍ୟଙ୍କୁ ଚିକିତ୍ସା କରି ଔଷଧ ଦେଉଛନ୍ତି। ପରିବେଶ ସଫାସୁତୁରା ରଖିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। ଶନିବାର କେହି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନାହାନ୍ତି ବୋଲି ଡାକ୍ତର ଭାଗବତ ମୁର୍ମୁ କହିଛନ୍ତି।

## ରାୟଗଡ଼ାକୁ ମିଳିଲା ବ୍ରୋଞ୍ଜ ପଦକ

**ଆନ୍ତଃ କ୍ଲବ୍ ଭାରୋତ୍ତୋଳନ ପ୍ରତିଯୋଗିତା**

ରାୟଗଡ଼ା,୧।୭ (ଭାଗ୍ୟଶ୍ରୀ ମିଶ୍ର)

ଓଡ଼ିଶାର ଆନ୍ତଃ କ୍ଲବ୍ ଭାରୋତ୍ତୋଳନ ପ୍ରତିଯୋଗିତା-୨୩ରେ ଜୁନ୍ ୨୮ ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିଲା। ୪୯ କିଲୋ ମହିଳା ବରିଷ୍ଠ ବର୍ଗରେ ରାୟଗଡ଼ାର ପିଙ୍କି ହୁଇକା ୭୫ କିଲୋ ଭାର ଉଠାଇ ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ରାୟଗଡ଼ା ଜିଲାର ଭାରୋତ୍ତୋଳନ ଇତିହାସ ପାଇଁ ପ୍ରଥମ ପଦକ। ତେଣୁ ଶହୀଦ ଲକ୍ଷ୍ମଣ ନାୟକଙ୍କ କ୍ରୀଡ଼ା ଓ ସାଂସ୍କୃତିକ ସଂଘର ସଭାପତି ତଥା କୋଚ ଦୋରା କଣ୍ଡାଗରି ଆଗାମୀ ଦିନରେ ଅଧିକରୁ ଅଧିକ ପଦକ ଜିଲା ପାଇଁ ଜିତିବା ଲକ୍ଷ୍ୟ ରଖିଛନ୍ତି।




ଆନ୍ତଃ କ୍ଲବ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ।

## ମଣିପୁର ହିଂସାକୁ ବିରୋଧ କରି ଶାନ୍ତି ସତ୍ୟାଗ୍ରହ



ରାୟଗଡ଼ା ଗାନ୍ଧୀ ପାର୍କଠାରେ ଶାନ୍ତି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

ରାୟଗଡା,୧।୭ (ଭାଗ୍ୟଶ୍ରୀ ମିଶ୍ର)

ଅଶାନ୍ତ ମଣିପୁର ନିଆଁରେ ଜଳୁଥିବାବେଳେ ଏହି ବିଦ୍ରୋହରେ ଅନେକ ଲୋକଙ୍କ ପ୍ରାଣ ଗଲାଣି। ଏବେ ମଣିପୁରରେ ସାଧାରଣ ଜନତାଙ୍କ ଜୀବନ କଷ୍ଟକର ହୋଇପଡ଼ିଛି। ଏହି ଘଟଣାକୁ ବିରୋଧ କରି ଶନିବାର ରାୟଗଡ଼ା ଗାନ୍ଧୀ ପାର୍କଠାରେ ଏକ ଶାନ୍ତି ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍କଳ ସର୍ବୋଦୟ ମଣ୍ଡଳର ସ୍ୱେଚ୍ଛାସେବୀ ବିଜୟ ବାବୁ ଓ ସାମାଜିକ କର୍ମୀ ବାଦଲ ତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ, ସେବା ସମାଜର ଅନ୍ତେବାସୀ, ଖବରଦାତା ରଶ୍ମି ଦୋରା, ରବୀନ୍ଦ୍ର ପାଟଖଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶାନ୍ତି ପ୍ରାର୍ଥନା ସହ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତକ୍ଷେପ ଲୋଡ଼ିବା ସହ କିଭଳି ମଣିପୁରରେ ଶାନ୍ତି ପ୍ରତିଷ୍ଠା ହେବ ସେ ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ ।

## ଆଇଫାଡ ଟିମ୍‌ର କ୍ଷେତ୍ର ପରିଦର୍ଶନ

ଗୁଣପୁର,୧।୭ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଆ ସୌରା ଅଞ୍ଚଳକୁ ଶନିବାର ଆନ୍ତର୍ଜାତୀୟ କୃଷି ଉନ୍ନୟନ ପାଣ୍ଠି (ଆଇଫାଡ)ର ଏକ ଟିମ୍ ପରିଦର୍ଶନ କରିଛନ୍ତି। ପୁଟାସିଂ, ଶଗଡା, ଆବାଡା ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଲୋକଙ୍କ ଜୀବନ ଜୀବିକା ଓ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଆଗାମୀ ଦିନରେ କିଛି ପଞ୍ଚାୟତ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା ଅଧୀନରେ ସାମିଲ ହେବାକୁ ଥିବାବେଳେ ସେମାନଙ୍କ ଏହି ଗସ୍ତ ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି। ଆଇଫାଡର ରାଷ୍ଟ୍ର ନିର୍ଦ୍ଦେଶକ ଉଲାକ ଡେମିରାଗ, ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜିବୀକା ଉନ୍ନତିକରଣ କାର୍ଯ୍ୟକ୍ରମର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପି. ଅର୍ଥନାରି, ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଅସୀମା ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ଜେଇଇ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

ଟିକିରି, ୧।୭ ( ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ଟିକିରି ବାସିନ୍ଦା ଶିବ ଶଙ୍କର ମଲିକ ଜେଇଇ ପରୀକ୍ଷାରେ କୃତକାର୍ଯ୍ୟ ହେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ମୁଖ୍ୟବକ୍ତା ଭାବେ ଉତ୍କଳ ଆଲୁମିନା ପ୍ରକଳ୍ପ ମୁଖ୍ୟ ମଜହର ବେଗ ଓ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଶଙ୍କର ପ୍ରସାଦ ଦୁରିଆ ଯୋଗଦେଇ ଶିବ ଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଟିକିରି ବାସିନ୍ଦା ସ୍ୱର୍ଗତ ସଞ୍ଜୀବ କୁମାର ମଲିକ ଓ ସରସ୍ୱତୀ ବେହେରାଙ୍କ ପୁଅ ଶିବ ଶଙ୍କର।

ଆଜିର ସଭାର ଆକର୍ଷଣ ଶିବ ଶଙ୍କର ମଲିକଙ୍କୁ ଛାତ୍ରୀଛାତ୍ର ଜଣେ ଆଦର୍ଶ ଭାବରେ ମାନିବା ଉଚିତ ବୋଲି ମୁଖ୍ୟବକ୍ତା ବେଗ ବକ୍ତବ୍ୟ ରଖିଥିଲେ। ଶିକ୍ଷା ଦୁନିଆର ସବୁଠାରୁ ଶକ୍ତିଶାଳୀ ହତିଆର, ଯାହା ଦ୍ୱାରା ସମାଜ ଏବଂ ଦେଶ ଉନ୍ନତି କ୍ଷେତ୍ରରେ ଆଗେଇପାରିବ ବୋଲି ଶିକ୍ଷାବିତ୍ ଦୁରିଆ କହିଥିଲେ। କାଶୀପୁର ବ୍ଲକରେ ଡ଼ିଗ୍ରୀ ମହାବିଦ୍ୟାଳୟର ଆବଶ୍ୟକତା ପାଇଁ ବାରମ୍ବାର ବିଧାନସଭାରେ ପ୍ରଶ୍ନ ଉଠାଇବା ସହ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଥିବା ନେଇ ବିଧାୟକ ମୁଦୁଲି ମତବ୍ୟକ୍ତ କରିଥିଲେ। ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ କାଶୀପୁର ବ୍ଲକ୍ ସମୟରେ ମଧ୍ୟ ଡ଼ିଗ୍ରୀ ମହାବିଦ୍ୟାଳୟ ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ଶୁବଶୀଘ୍ର କଲେଜ ଖୋଲିବା ନେଇ ସେ ପ୍ରତିଶ୍ରୁତି ଦେଇଥିବା ବିଧାୟକ କହିଥିଲେ। ବିଧାୟକ ମୁଦୁଲିଙ୍କ ପ୍ରଚେଷ୍ଟା ଯୋଗୁ ଆଜି ଟିକିରି ଉଚ୍ଚ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନିତ ହେଇଥିବାରୁ ବିଦ୍ୟାଳୟର ଶିକ୍ଷକ ରଞ୍ଜିତ ମିଶ୍ର ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ନାୟକ, ଟିକିରି ବଣିକ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।

**କାଶୀପୁର ବ୍ଲକ୍‌ରେ ଡିଗ୍ରୀ କଲେଜ ଖୋଲିବା ଦାବି**



ଜେଇଇ ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପ୍ରସିଦ୍ଧ କାଳୀମନ୍ଦିରର ଉଚ୍ଚତାକୁ ନେଇ ନୋଟିସ

ରାୟଗଡ଼ା,୧।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ପ୍ରସିଦ୍ଧ କାଳୀ ମନ୍ଦିରକୁ ନେଇ ଜିଲା ପୋଲିସ ପ୍ରଶ୍ନ ଉଠାଇଛି । କାଳୀମନ୍ଦିରର ଉଚ୍ଚତା ଯୋଗୁ ନିକଟରେ ଥିବା ଜିଲାପାଳ, ବନଖଣ୍ଡ ଅଧିକାରୀ ଓ ଏସ୍‌ପିଙ୍କ ବାସଗୃହ ଉପରେ ବିପଦ ରହିଛି ବୋଲି ଜିଲା ପୋଲିସ ବିଭାଗ ପକ୍ଷରୁ ଏକ ଚିଠି ଜିଲାପାଳଙ୍କୁ ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ଶନିବାର ସକାଳ ପ୍ରାୟ ୧୦ଟାରେ ରାୟଗଡ଼ା ତହସିଲ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ଏକ ଟିମ୍ ସହ ଆସି ବ୍ଲକ୍ ଅଫିସ ଛକ ନିକଟରେ ଥିବା କାଳୀମନ୍ଦିରର ମାପଚୁପ କରିଥିଲେ । ତେବେ ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁ ଓ ପୂଜା କମିଟି ପ୍ରଶ୍ନ କରିବା ସହ ଏହାକୁ ବିରୋଧ କରିଥିଲେ । ରାଜସ୍ୱ ନିରୀକ୍ଷକ ଟି.ଶ୍ୟାମ ସୁନ୍ଦର ତଦନ୍ତ ପାଇଁ ତାଙ୍କୁ ମିଳିଥିବା ଚିଠି ଦେଖାଇଥିଲେ । ଉକ୍ତ ଚିଠି ଅନୁସାରେ ମନ୍ଦିର ନିକଟରେ ଜିଲାର ବରିଷ୍ଠ ଅଧିକାରୀଙ୍କ ବାସଗୃହ ରହୁଥିବାରୁ କେହି ମଧ୍ୟ ମନ୍ଦିର ଉପରେ ଚଢ଼ି ଏସ୍‌ପି, ଜିଲାପାଳ ଓ ଡିଏଫ୍‌ଓଙ୍କ ବାସଗୃହ ଉପରେ ନଜର ରଖିପାରିବେ ବୋଲି ଉଲ୍ଲେଖ ରହିଛି। ଏଥିସହ ପ୍ରତିବର୍ଷ ସେଠାରେ କାଳୀପୂଜା ହେଉଥିବାରୁ ଟ୍ରାଫିକ ଜାମ୍ ହେବା ସହ ବହୁ ଜନଗହଳି ହୁଏ । ମନ୍ଦିରର ଉଚ୍ଚତା ଅତି ଅଧିକ ଏବଂ ନିକଟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିବାରୁ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବିଗିଡ଼ିପାରେ ବୋଲି ଚିଠିରେ ଉଲ୍ଲେଖ ରହିଛି । ତେବେ ଏ ସମ୍ପର୍କରେ ଫ୍ରେଣ୍ଡସ୍ ୟୁଥ୍ ଆସୋସିଏଶନ ତଥା କାଳୀପୂଜା ପାଳନ କମିଟି ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ ଓ ଉପସଭାପତି ଶିବାଜୀ ଦାସ କହିଛନ୍ତି, ରାୟଗଡ଼ା ସହର ତତ୍କାଳୀନ କୋରାପୁଟ ଜିଲା ଅଧୀନରେ ରହିଥିବା ସମୟରେ ୧୯୮୨ ମସିହାରେ ଏହାର ପଞ୍ଜୀକରଣ କରାଯାଇଛି । ଏହି ପଞ୍ଜୀକରଣ ସଂଖ୍ୟା (କେପିପି ୧୬୦/୨୧)କୁ ଦୃଷ୍ଟିରେ ରଖି ଏମ୍‌ପି ଉନ୍ନୟନ ପାଣ୍ଠି ଓ ବିଧାୟକ ପାଣ୍ଠିରୁ ମନ୍ଦିରର ବିକାଶ ପାଇଁ ଅନୁଦାନ ମଧ୍ୟ ମିଳିଛି। ତେଣୁ ଜିଲା ପୋଲିସ ବିଭାଗ କେଉଁ ଆଧାରରେ ଏହାକୁ ବେଆଇନ ଏବଂ ବିପଦ ବୋଲି ଘୋଷଣା କରିଛି ତାକୁ ନେଇ ପ୍ରଶ୍ନ ଉଠିଛି।

କାଳୀପୂଜା କମିଟି ଉପସଭାପତି ଦାସ କହିଛନ୍ତି, ଦୀର୍ଘ ବର୍ଷର କାଳୀପୂଜାରେ କେବେ କୌଣସି ଅଘଟଣ ଘଟିନାହିଁ। ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ ବିଭାଗ କେଉଁ ଉଦ୍ଦେଶ୍ୟରେ ମନ୍ଦିର ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ତାହା ତଦନ୍ତ ସାପେକ୍ଷ । ତେବେ ପ୍ରଶାସନର ଏହି କାର୍ଯ୍ୟ ଯୋଗୁ ଶ୍ରଦ୍ଧାଳୁ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଏ ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ପଚାରିବାରୁ ସୁରକ୍ଷା ଦୃଷ୍ଟିରୁ କେବଳ ଏକ ଅନୁଧ୍ୟାନ କରାଯାଉଛି । ନିକଟରେ ଜିଲାର ବରିଷ୍ଠ ଅଧିକାରୀଙ୍କ ବାସଗୃହ ରହୁଥିବାରୁ ସୁରକ୍ଷା ଦୃଷ୍ଟିରୁ ତଦନ୍ତ କରାଯାଉଛି । ମନ୍ଦିର ଭାଙ୍ଗିବା ତଥା କୌଣସି ଧର୍ମ ପ୍ରତି ଆଙ୍ଗୁଠି ଉଠାଇବା ଆମର ଉଦ୍ଦେଶ୍ୟ ନାହିଁ ବୋଲି ଏସ୍‌ପି ଶର୍ମା କହିଛନ୍ତି । ଯଦି ପ୍ରସିଦ୍ଧ କାଳମନ୍ଦିରର କୌଣସି ମଧ୍ୟ କ୍ଷତି କରିବାକୁ ଜିଲା ପ୍ରଶାସନ ଏବଂ ଜିଲା ପୋଲିସ ଚେଷ୍ଟା କରେ ତେବେ ଫ୍ରେଣ୍ଡସ୍ ୟୁଥ୍ ଆସୋସିଏଶନ ସମେତ ସହରର ସମସ୍ତ ଜନସାଧାରଣ ଓ ଶ୍ରଦ୍ଧାଳୁ ଏହାକୁ ଦୃଢ଼ ବିରୋଧ କରିବା ସହ ଆବଶ୍ୟକ ପଡ଼ିଲେ ଆଇନକୁ ହାତକୁ ନେବାକୁ ପଛାଇବେ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

**ତୀବ୍ର ପ୍ରତିବାଦ କଲେ ଭକ୍ତ**



ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜର କାଳୀମନ୍ଦିର ନିକଟରେ ମ୍ୟାପ୍ ଦେଖୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଜୁଲାଇ , ୨୦୨୩



## ସଂକ୍ଷେପରେ

### ଚିତ୍ରକୋଣ୍ଡା ବନାଞ୍ଚଳ ସ୍ୱାଭିମାନ ଅଞ୍ଚଳରୁ ବନ ମହୋତ୍ସବ ଆରମ୍ଭ

ଚିତ୍ରକୋଣ୍ଡା,୧।୭(କ୍ଷୀରୋଦ ବେହେରା)- ମାଲକାନଗିରି ବନଖଣ୍ଡ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିନ ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀ ଏବଂ ମୁକ୍ତାମ୍ବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ନେତୃତ୍ୱରେ ୭୪ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ବନ ମହୋତ୍ସବ ୭ ଦିନ ପର୍ଯ୍ୟନ୍ତ ଚାଲିବ। ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଭିଏସ୍ ଗ୍ରାମ ତଥା ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି। ପ୍ରଥମ ଦିନରେ ଚିତ୍ରକୋଣ୍ଡା ପଞ୍ଚାୟତ ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବଡ଼ପଦର ପଞ୍ଚାୟତ ବନଗୁରୁ କଲୋନୀସ୍ଥିତ ବିଦ୍ୟାଳୟରେ ବନ ମହୋତ୍ସବ ମାଧମରେ ଚାରାରୋପଣ କରାଯାଇଥିଲା। ଏହି ବନ ମହୋତ୍ସବ ଦିବସ ଅବସରରେ ପ୍ରଥମ ଦିବସରେ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବନପାଳ ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରିଥିଲେ। ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରଶି ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା

ବାଲିମେଲା,୧।୭(ଶିବଦତ୍ତ ସାହୁ)-ମାଲକାନାଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକା ଶୁକ୍ରବାର ବିଳମ୍ବିତ ରାତିରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଶନିବାର ସକାଳେ ଓର୍କେଲ ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ଓର୍କେଲ ଥାନା ଅଧିକାରୀ ରଘୁନାଥ ମାଝିଙ୍କ ନେତୃତ୍ୱରେ ଏଏସ୍ଆଇ ମଧୁ ଚାଲାଣ ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ମାଲକାନାଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ଓର୍କେଲ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୬/୨୩ ରୁଜୁ ହୋଇଛି। କେଉଁ କାରଣରୁ ନାବାଳିକା ଜଣକ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ଥାନା ଅଧିକାରୀ ମାଝି କହିଛନ୍ତି।

### କାନାଡିଆନ ଆପ୍‌ରେ ଲକ୍ଷାଧିକ ଟଙ୍କା ଠକେଇ

ସୋରଡା,୧।୭(ଲମ୍ବୋଦର ପାଣିଗ୍ରହୀ): ଅଳ୍ପ ସମୟରେ ବିନା ପରିଶ୍ରମରେ ଅଧିକ ଅର୍ଥ ଉପାର୍ଜନ କରିବା ଆଶାରେ ଅଞ୍ଚଳର ଶତାଧିକ ଯୁବକ ଅର୍ଥ ଶ୍ରାଦ୍ଧ କରି ଏବେ ଚିନ୍ତାରେ ପଡିଛନ୍ତି। ସୋରଡା ଏନଏସି ଓ ବ୍ଲକର ବିଭିନ୍ନ ଅଞ୍ଚଳରେ ୪ ମାସ ହେଲା କାନାଡିଆନ ସୋଲାର ନାମରେ ଏକ ଆପ ଘୁରି ବୁଲୁଥିଲା। ଉକ୍ତ ଆପରେ ନାମ ପଞ୍ଜୀକରଣ ସହ ନିଜର ବ୍ୟାଙ୍କ ବିବରଣୀ ଦେଲା ପରେ ଏକ ୬ ଅଙ୍କିଆ ଆଇ ପରିଚୟ ଓ ୱାଲେଟ ତିଆରି ହେଉଥିଲା। ପ୍ରଥମେ ସେଥିରେ ୫୫୦ଟଙ୍କା ପୁଞ୍ଜି ନିବେଶ କଲେ ତାହା ଦିନକୁ ୨୪ ଟଙ୍କା ଲେଖାଏଁ ୪୫ଦିନ ବ୍ୟାଙ୍କ ଖାତାକୁ ଆସୁଥାଏ। ଯାହାକି ୫୫୦ ଟଙ୍କା ବିନିଯୋଗରେ ୪୫ ଦିନରେ ୧୦୮୦ ଟଙ୍କା ଆସୁଥିଲା। ସେହିପରି ୩୫୦୦ ବିନିଯୋଗରେ ୫୫ ଦିନରେ ଦିନକୁ ୨୮୦ ଟଙ୍କା ହିସାବରେ ଓ ୧୨,୫୦୦ ବିନିଯୋଗରେ ୫୫ ଦିନରେ ଦିନକୁ ୧୦୨୫ ଟଙ୍କା ବ୍ୟାଙ୍କ ଖାତାରେ ଆସି ଜମା ହେଉଥିଲା। ଏହି ଆପରେ କିଛି ଯୁବକ ପୁଞ୍ଜି ଲଗାଇ ଲାଭବାନ ହେବାପରେ ଅନ୍ୟମାନଙ୍କୁ ମଧ ଜୋରସୋରରେ ବୁଝାଇ ଏଥିରେ ପ୍ରବେଶ କରାଇଥିଲେ। ଜଣେ ଅନ୍ୟ ଜଣଙ୍କୁ ନିଜର ଆଇରେ ଯୋଗ କରାଇଲେ ବୋନସ ବ୍ୟବସ୍ଥା ଥିଲା। ଏହିପରି ଲକ୍ଷାଧିକ ଟଙ୍କା ବୋନସ ଆସିବ ବୋଲି ଆପ୍‌ରେ ସୂଚନା ଥିଲା। ତେବେ ଏଥିରେ ବହୁ ସଂଖ୍ୟାରେ ଯୁବକ ଯୋଗଦେଇ ଟଙ୍କା ବିନିଯୋଗ କରିଥିଲେ। ତେବେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେଲା ଉକ୍ତ ଆପ୍ ଜରିଆରେ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସୁନଥିବା ଜଣାପଡ଼ିଛି।

# ରୋଟାରି କ୍ଲବ ପକ୍ଷରୁ ୫୦ ଡାକ୍ତର ସମ୍ମାନିତ

**ଜାତୀୟ ଡାକ୍ତର ଦିବସ**

ମାଲକାନଗିରି,୧।୭(ଦୁର୍ଯ୍ୟୋଧନ ପାତ୍ର)



ସମ୍ମାନିତ ହୋଇଥିବା ଡାକ୍ତର ।

ଜାତୀୟ ଡାକ୍ତର ଦିବସ ଉପଲକ୍ଷେ ମାଲକାନଗିରି ଜିଲା ରୋଟାରି କ୍ଲବ ତରଫରୁ ୫୦ ପୁରୁଷ ଓ ମହିଳା ଡାକ୍ତରଙ୍କୁ କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ରୋଟାରି କ୍ଲବ ସଭାପତି ଶ୍ୟାମବାବୁ ଦୋରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଏ. ଈଶ୍ୱର ରାଓ, ଏବଂ ରୋଟାରି କ୍ଲବ ସଦସ୍ୟମାନେ ଅଂଶଗ୍ରହଣ କରି ଡାକ୍ତରମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମାଲକାନଗିରି ଭଳି ଉପାନ୍ତ ଅଞ୍ଚଳରେ ଡାକ୍ତରଙ୍କ ସଂଖ୍ୟା କମ୍ ଥିବାରୁ ରୋଗୀ ସେବା ବ୍ୟାହତ ହେଉଥିଲା। କୋଭିଡ୍ ସମୟରେ ମାଲକାନଗିରିର ଡାକ୍ତରମାନେ ଯେପରି ମହାନତା ଦେଖାଇଛନ୍ତି ତାହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଥର ପ୍ରଶଂସିତ ହୋଇଛନ୍ତି। ରାଜ୍ୟ ସରକାର ମାଲକାନଗିରି ଜିଲାରେ ୪୦ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବାରୁ ଜିଲାରେ ଡାକ୍ତର ଅଭାବ ସମସ୍ୟା ଦୂର ହୋଇଛି। ନୂତନ ଭାବେ ଯୋଗଦେଇଥିବା ୪୦ ଡାକ୍ତରଙ୍କ ସହ ମୁଖ୍ୟ ଡାକ୍ତରଖାନାର ସମସ୍ତ ଡାକ୍ତରଙ୍କୁ ଫୁଲତୋଡ଼ା ଏବଂ କଲମ ଦିଆଯାଇ ସମ୍ମାନିତ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ବରିଷ୍ଠ ଡାକ୍ତର ସମପ କୁମାର ଡିଣ୍ଡା, କୃଷ୍ଣଚନ୍ଦ୍ର ମହାପାତ୍ର ଓ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଡାକ୍ତର ନିହାର ରଞ୍ଜନ ତ୍ରିପାଠୀ ଓ ନିହାର ରଞ୍ଜନ ପ୍ରହରାଜ ଡାକ୍ତର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ଦେବା ସହ ରୋଟାରି କ୍ଲବକୁ ଧନ୍ୟବାଦ ଅର୍ପଣ କରଥିଲେ।

# ପେନ୍‌ସନ ଉପଭୋକ୍ତାଙ୍କ ପାଇଁ ଏସ୍‌ବିଆଇ ଖୋଲିବ ସ୍ୱତନ୍ତ୍ର କାଉଣ୍ଟର

ମାଲକାନଗିରି,୧।୭(ଦୁର୍ଯ୍ୟୋଧନ ପାତ୍ର)

**ଜାତୀୟ ବ୍ୟାଙ୍କ ଦିବସରେ ମୁଖ୍ୟ ପରିଚାଳକଙ୍କ ଘୋଷଣା**

ଜାତୀୟ ବ୍ୟାଙ୍କ ଦିବସ ଉପଲକ୍ଷେ ମାଲକାନଗିରି ଜିଲା ସଦର ମହକୁମା ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ପେନ୍‌ସନଧାରୀମାନଙ୍କୁ ବ୍ୟାଙ୍କ ତରଫରୁ ମିଷ୍ଟାନ୍ନ ବଣ୍ଟନ ଏବଂ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଥିଲେ। ମୁଖ୍ୟ ପରିଚାଳକ ଦେବଦତ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ୧୦୦ରୁ ଊର୍ଦ୍ଧ୍ୱ ପେନ୍‌ସନଧାରୀ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ମୁଖ୍ୟ ପରିଚାଳକଙ୍କୁ ଅବଗତ କରିଥିଲେ। ସେଠୀ ପେନ୍‌ସନଭୋଗୀଙ୍କ ପାଇଁ ପ୍ରତି ମାସର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବା ସହ ନଭେମ୍ବରରେ ସବୁଦିନ ସ୍ୱତନ୍ତ୍ର କାଉଣ୍ଟର ଖୋଲା ରହିବା ସହ ସେମାନଙ୍କର ବ୍ୟାଙ୍କ ନଥିପତ୍ରରେ କୌଣସି ଅସୁବିଧା ଥିଲେ ତାହା ତୁରନ୍ତ ସମାଧାନ କରାଯିବ ବୋଲି ସେଠୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବରିଷ୍ଠ ନାଗରିକ ତଥା ପେନ୍‌ସନ ଭୋଗୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ ଶିବିର ଏବଂ ଅବସର ଗ୍ରହଣ କରିଥିବା ତାରିଖର ଗୋଟିଏ ଦିନ ପୂର୍ବରୁ କର୍ମଚାରୀଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ ବୋଲି କହିଥିଲେ। ଆଲୋଚନାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ପାଦକ ଅଶୋକ କୁମାର ସାମଲ, ଉପଦେଷ୍ଟା ତଥା ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ମହାରଣା, ପୂର୍ବତନ ସଭାପତି ତଥା ଉପଦେଷ୍ଟା ଦୁର୍ଯ୍ୟୋଧନ ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ତିଆଡି ଓ ଶିବରାମ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ବ୍ୟାଙ୍କ ଦିବସରେ ପେନ୍‌ସନ ଉପଭୋକ୍ତାମାନେ ଏକାଠି ହୋଇଛନ୍ତି ।

# ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

ମାଲକାନଗିରି ,୧।୭(ଦୁର୍ଯ୍ୟୋଧନ ପାତ୍ର)

ଜୁଲାଇ ୨୫ ରେ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ମାଲକାନଗିରିରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବୁଟିଗୁଡ଼ା ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲକରି ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଆସନ୍ତା ୯ରେ ଦିନ କନିଷ୍ଠ ବର୍ଗ ଓ ୧୬ ତାରିଖରେ ବରିଷ୍ଠ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱରଠାରେ ପ୍ରତିଯୋଗିତା ଆୟୋଜନ ହେବ। ଏଥିସହ ରାଜ୍ୟସ୍ତରରେ କନିଷ୍ଠ ଓ ବରିଷ୍ଠ ବର୍ଗ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ସେହିପରି ଜିଲାସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ପ୍ରମିଳା ମାଝି, ଓଡ଼ିଶା ସାହିତ୍ୟ ଏକାଡେମୀ ଜିଲା ସଦସ୍ୟ କିଶୋର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଧର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୌରାଙ୍ଗ ସଜନ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଜିଲାର ପ୍ରାୟ ୧୨୦ ଛାତ୍ରୀଛାତ୍ରୀ ଭାଗ ନେଇଥିଲେ।

### ମାଟି ତଳୁ ବାହାରିଲା ଶିବଲିଙ୍ଗ

ମୋହନା,୧।୭(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ମୁଡୁମୁଡିଆ ଗ୍ରାମରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି। ରାମୀମୀରା ପାହାଡ଼ ନିକଟସ୍ଥ ମାଟିତଳୁ ଏକ ଶିବଲିଙ୍ଗ ଆବିର୍ଭାବ ହୋଇଛି। ଗ୍ରାମବାସୀଙ୍କ ସୂଚନା ପ୍ରକାରେ କିଛି ଦିନଧରି ରାମଗିରି ଅଞ୍ଚଳର ଜଣେ ମାଳି ମୁଡୁମୁଡିଆ ଆସି ରାମୀମୀରା ପାହାଡ଼ ନିକଟରେ ଥିବା ଏକ ଉଇହୁଙ୍କା ନିକଟରେ ପୂଜାର୍ଚ୍ଚନା କରିବା ସହ ଗ୍ରାମବାସୀଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ପରାମର୍ଶ ଦେଇଥିଲେ। ସେବେଠାରୁ ଲୋକେ ସେହି ସ୍ଥାନରେ ପୂଜାର୍ଚ୍ଚନା କରୁଥିଲେ। ତେବେ ଗତ ବୁଧବାର ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ରାତିରେ ଗ୍ରାମର ରୋହିତ ନାୟକଙ୍କୁ ରାତିରେ ସ୍ୱପ୍ନାଦେଶ ହୋଇଥିଲା।



ସ୍ୱପ୍ନରେ ଜଣେ ବୃଦ୍ଧ ତାଙ୍କୁ ଉଠେଇବା ସହ ଉକ୍ତ ପାହାଡ଼ର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶିବଲିଙ୍ଗ ଥିବା କହିଥିଲେ। ସ୍ୱପ୍ନାଦେଶ ପ୍ରକାରେ ରୋହିତ ପରଦିନ ଭୋର ସମୟରେ ଉକ୍ତ ସ୍ଥାନକୁ ଯିବା ସହ ସେଠାରେ ଏକ ନାଗ ସାପ ଦେଖିଥିଲେ। ସାତଜଣ ଅବିବାହିତ ଝିଅଙ୍କ ଦ୍ୱାରା ସାତ ଗରା ପାଣି ଉକ୍ତ ସ୍ଥାନରେ ଅଭିଷେକ କରିଥିଲେ। ଏହାପରେ ସେଠାରେ ବୃଷଭ ସଦୃଶ ଶିବଙ୍କର ଲିଙ୍ଗ ଦୃଶ୍ୟମାନ ହୋଇଥିଲା। ଉକ୍ତ ପୀଠକୁ ମୁକ୍ତେଶ୍ୱର ମହାଦେବ ଭାବେ ନାମକରଣ କରାଯାଇଛି।

# ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୋବିନ୍ଦପାଲି,୧।୭(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ରଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧକ୍ଷତା କରିଥିଲେ। ବୀରେନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ଶିବାନୀ ମୁଦୁଲି ସମ୍ମାନତ ଅତିଥି ରୂପେ ଯୋଗଦେଇଥିଲେ। ସମସ୍ତ ଆଞ୍ଚଳିକ ସଂଯୋଜକ ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ମିଶ୍ର ତାଙ୍କ ବକ୍ତବ୍ୟରେ କର୍ମଚାରୀମାନଙ୍କ କାମକୁ ପ୍ରଶଂସା କରି ଟିମ୍ ୱାର୍କ ପାଇଁ ଆମେ ସଫଳତା ପାଇଛୁ। ଆଗାମୀ ଦିନରେ ବିଦ୍ୟାଳୟ ସ୍ତରରେ କୌଣସି ଶିକ୍ଷକ ଓ କର୍ମଚାରୀ ଯେପରି ହଇରାଣ ନ ହେବେ ଏବଂ କେହି ଯେପରି ଶିକ୍ଷାଲାଭରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଉଭୟ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁତ୍ୱଦେବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ମିଶ୍ର ୧୯୮୮ରୁ ଚାକିରି ଜୀବନ ଆରମ୍ଭ କରି ଜୁଲାଇ ୨୦୧୮ରେ ଖଇରପୁଟ ବ୍ଲକରେ ଯୋଗଦେଇଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ ।

# ଷ୍ଟେଟ୍‌ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ଅନାଥ ପିଲାଙ୍କୁ ସାମଗ୍ରୀ ବଣ୍ଟନ




ଆସ୍ଥାର ଅନ୍ତେବାସୀଙ୍କ ଗହଣରେ ଷ୍ଟେଟବ୍ୟାଙ୍କ ଅଧିକାରୀମାନେ ।

କୋରାପୁଟ,୧।୭(ଅମିତାଭ ବେହେରା)

ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଅବସରରେ ଶନିବାର କୋରାପୁଟସ୍ଥିତ ଆସ୍ଥାର ୮୦ ଜଣ ଅନାଥ ପିଲାଙ୍କୁ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସାମାଗ୍ରୀ ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଜୟପୁର ଆଞ୍ଚଳିକ ଶାଖା ପକ୍ଷରୁ କୋରାପୁଟ ବ୍ଲକର ଉମୁରୀଠାରେ ଥିବା ଏହି ଅନୁଷ୍ଠାନରେ ଉତ୍ସବ ପାଳନ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ମ୍ୟାନେଜର କାବୁଲା ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତେବାସୀଙ୍କୁ କ୍ୟାରମ, ଲୁଡୁ ,କ୍ରିକେଟ ଆଦି କ୍ରୀଡା ସାମାଗ୍ରୀ ସହ ଖାତା, ପେନ ପେନସିଲ ଓ ବିସ୍କୁଟ ବଣ୍ଟନ କରିଥିଲେ । କୋରାପୁଟ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, କୋରାପୁଟ ଲିଡ ବ୍ୟାଙ୍କ ମ୍ୟାନେଜର ଲିଙ୍ଗରାଜ ସାହୁ, ଷ୍ଟେଟବ୍ୟାଙ୍କର ଚିଫ ମ୍ୟାନେଜର ଅନିରୁଦ୍ଧ ସେଠୀ, ଶୋଭାର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଥେରୁବାଲି, ସିଙ୍ଗାପୁର ରୋଡ୍ ଓ ଟିକିରିରେ ରହିବ ଟ୍ରେନ୍

ରାୟଗଡ଼ା,୧।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ୩ଟି ଷ୍ଟେଶନ ଥେରୁବାଲି, ସିଙ୍ଗାପୁର ରେଡ୍ ଏବଂ ଟିକିରି ରେଳ ଷ୍ଟେଶନଠାରେ ଟ୍ରେନ୍ ରହଣି ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି । ଟିକିରିଠାରେ ହାଓଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍, ଥେରୁବାଲିଠାରେ କୋର୍ବା-ବିଶାଖାପାଟଣା ଏକ୍ସପ୍ରେସ୍ ଓ ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ୍ ଏବଂ ସିଙ୍ଗାପୁର ରୋଡ୍‌ଠାରେ କୋର୍ବା-ବିଶାଖାପାଟଣା ଏକ୍ସପ୍ରେସ ରହଣି ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।

ପ୍ରକାଶ ଥାଉକି, କୋଭିଡ୍ ପରଠାରୁ ଉକ୍ତ ଷ୍ଟେଶନଗୁଡ଼ିକରେ ଟ୍ରେନ ରହୁ ନ ଥିଲା । ଫଳରେ ଉକ୍ତ ଅଞ୍ଚଳର ଲୋକେ ବିଶାଖାପାଟଣା, ଭୁବନେଶ୍ୱର, ବ୍ରହ୍ମପୁର ଆଦି ସ୍ଥାନକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଅଞ୍ଚଳବାସୀ ବାରମ୍ବାର ଦାବି କରିବା ସହିତ ରେଳରୋକୋ ମଧ କରିଥିଲେ। ଏ ନେଇ ରାୟଗଡ଼ା ଜିଲା ଭାଜପା ଦଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲା । ମନ୍ତ୍ରୀ ପ୍ରଧାନ ଏ ନେଇ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ବର୍ତ୍ତମାନ ଉକ୍ତ ୩ଟି ଷ୍ଟେଶନରେ ଟ୍ରେନ୍ ରହିବା ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି। ଏ ନେଇ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ, ସମ୍ପାଦକ କିଶୋର ପଣ୍ଡା ଏବଂ ଅନ୍ୟ ଦଳୀୟ କର୍ମୀମାନେ ରେଳ ବିଭାଗ ଓ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଦମ୍ପତିଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧।୭ (ପବନ ପାଣିଗ୍ରାହୀ)

**ସ୍ତ୍ରୀ ସମ୍ମୁଖରେ ନାବାଳିକାଙ୍କୁ ବଳାତ୍କାର ମାମଲା**

ସ୍ତ୍ରୀ ସମ୍ମୁଖରେ ଜଣେ ନାବଳିକାଙ୍କୁ ସ୍ୱାମୀ ବଳାତ୍କାର କରିଥିବା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜୟପୁରସ୍ଥିତ ପୋକ୍ସୋ କୋର୍ଟ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ଦଣ୍ଡିତ କରିଛନ୍ତି। ୨୦୧୬ ମସିହାରେ ବି ସିଂପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଗୌଡଗୁଡା ଗ୍ରାମର ମହେନ୍ଦ୍ର ଚେଟ୍ଟି ଏଲିୟସ କୁନାଲ (୩୫)ଙ୍କୁ ଧାରା ୩୭୬ (୨)(ଆଇ)ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଧାରା ୩୬୩/ ୩୪ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରି ମାନା କରିଛନ୍ତି। ତାଙ୍କ ସ୍ତ୍ରୀ ସଞ୍ଜୁ ଚେଟ୍ଟିଙ୍କୁ ମଧ ଧାରା ୩୭୬ (୨) (ଆଇ)/୧୧୪ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମାନା ଏବଂ ଧାରା ୩୬୬/ ୩୪ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଟଙ୍କା ଅନାଦାୟ ହେଲେ ଉଭୟଙ୍କୁ ଅଧି ୯ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନସେବା ପ୍ରାଧିକରଣ ମାଧମରେ ପିଡିତାଙ୍କୁ କ୍ଷତି ପୂରଣ ବାବଦରେ ୬ ଲକ୍ଷ ଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ଜରିମାନା ଅର୍ଥ ଆଦାୟ ହେଲେ ସରକାରଙ୍କ ନିକଟକୁ ଯିବ। ୨୦୧୬ରେ ନାବାଳିକାର ଘରେ କେହି ନ ଥିବା ସମୟରେ କୁନାଲଙ୍କ ସ୍ତ୍ରୀ ନାବାଳିକାଙ୍କୁ ଚପଲ କିଣିଦେବି କହି ଘରୁ ଡାକି ନେଇ ନବରଙ୍ଗପୁର ଜିଲାର ଏକ ଲଜକୁ ନେଇଥିଲେ। ସେଠାରେ ସ୍ତ୍ରୀଙ୍କ ଉପସ୍ଥିତିରେ ସ୍ୱାମୀ କୁନାଲ ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରେ ନାବାଳିକା ଜଣକ ଘରକୁ ଆସି ସବୁକଥା କହିବା ପରେ ପରିବାର ଲୋକେ ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବୀ ମାମଲା ପରିଚାଳନା କରୁଥିଲେ।

# ପ୍ରସିଦ୍ଧ କାଳୀମନ୍ଦିରର ଉଚ୍ଚତାକୁ ନେଇ ନୋଟିସ

ରାୟଗଡ଼ା,୧।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ପ୍ରସିଦ୍ଧ କାଳୀ ମନ୍ଦିରକୁ ନେଇ ଜିଲା ପୋଲିସ ପ୍ରଶ୍ନ ଉଠାଇଛି । କାଳୀମନ୍ଦିରର ଉଚ୍ଚତା ଯୋଗୁ ନିକଟରେ ଥିବା ଜିଲାପାଳ, ବନଖଣ୍ଡ ଅଧିକାରୀ ଓ ଏସ୍‌ପିଙ୍କ ବାସଗୃହ ଉପରେ ବିପଦ ରହିଛି ବୋଲି ଜିଲା ପୋଲିସ ବିଭାଗ ପକ୍ଷରୁ ଏକ ଚିଠି ଜିଲାପାଳଙ୍କୁ ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ଶନିବାର ସକାଳ ପ୍ରାୟ ୧୦ଟାରେ ରାୟଗଡ଼ା ତହସିଲ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ଏକ ଟିମ୍ ସହ ଆସି ବ୍ଲକ୍ ଅଫିସ ଛକ ନିକଟରେ ଥିବା କାଳୀମନ୍ଦିରର ମାପଚୁପ କରିଥିଲେ । ତେବେ ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁ ଓ ପୂଜା କମିଟି ପ୍ରଶ୍ନ କରିବା ସହ ଏହାକୁ ବିରୋଧ କରିଥିଲେ । ରାଜସ୍ୱ ନିରୀକ୍ଷକ ଟି.ଶ୍ୟାମ ସୁନ୍ଦର ତଦନ୍ତ ପାଇଁ ତାଙ୍କୁ ମିଳିଥିବା ଚିଠି ଦେଖାଇଥିଲେ । ଉକ୍ତ



ରାଜସ୍ୱ ନିରୀକ୍ଷକ ଓ ଅନ୍ୟମାନେ କାଳୀମନ୍ଦିର ନିକଟରେ ମାପଚୁପ କରୁଛନ୍ତି।

ଚିଠି ଅନୁସାରେ ମନ୍ଦିର ନିକଟରେ ଜିଲାର ବରିଷ୍ଠ ଅଧିକାରୀଙ୍କ ବାସଗୃହ ରହୁଥିବାରୁ କେହି ମଧ ମନ୍ଦିର ଉପରେ ଚଢ଼ି ଏସ୍‌ପି, ଜିଲାପାଳ ଓ ଡିଏଫ୍‌ଓଙ୍କ ବାସଗୃହ ଉପରେ ନଜର ରଖିପାରିବେ ବୋଲି ଉଲ୍ଲେଖ ରହିଛି। ଏଥିସହ ପ୍ରତିବର୍ଷ ସେଠାରେ କାଳୀପୂଜା ହେଉଥିବାରୁ ଟ୍ରାଫିକ ଜାମ୍ ହେବା ସହ ବହୁ ଜନଗହଳି ହୁଏ । ମନ୍ଦିରର ଉଚ୍ଚତା ଅତି ଅଧିକ ଏବଂ ନିକଟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିବାରୁ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବିଗିଡ଼ିପାରେ ବୋଲି ଚିଠିରେ ଉଲ୍ଲେଖ ରହିଛି । ତେବେ ଏ ସମ୍ପର୍କରେ ଫ୍ରେଣ୍ଡସ୍ ୟୁଥ୍ ଆସୋସିଏଶନ ତଥା କାଳୀପୂଜା ପାଳନ କମିଟି ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ ଓ ଉପସଭାପତି ଶିବାଜୀ ଦାସ କହିଛନ୍ତି, ରାୟଗଡ଼ା ସହର ତତ୍କାଳୀନ କୋରାପୁଟ ଜିଲା ଅଧୀନରେ ରହିଥିବା ସମୟରେ ୧୯୮୨ ମସିହାରେ

**ତୀବ୍ର ପ୍ରତିବାଦ କଲେ ଭକ୍ତ**

ଏହାର ପଞ୍ଜୀକରଣ କରାଯାଇଛି । ଏହି ପଞ୍ଜୀକରଣ ସଂଖ୍ୟା (କେପିପି ୧୬୦/୨୧)କୁ ଦୃଷ୍ଟିରେ ରଖି ଏମ୍‌ପି ଉନ୍ନୟନ ପାଣ୍ଠି ଓ ବିଧାୟକ ପାଣ୍ଠିରୁ ମନ୍ଦିରର ବିକାଶ ପାଇଁ ଅନୁଦାନ ମଧ ମିଳିଛି । ତେଣୁ ଜିଲା ପୋଲିସ ବିଭାଗ କେଉଁ ଆଧାରରେ ଏହାକୁ ବେଆଇନ ଏବଂ ବିପଦ ବୋଲି ଘୋଷଣା କରିଛି ତାକୁ ନେଇ ପ୍ରଶ୍ନ ଉଠିଛି।

କାଳୀପୂଜା କମିଟି ଉପସଭାପତି ଦାସ କହିଛନ୍ତି, ଦୀର୍ଘ ବର୍ଷର କାଳୀପୂଜାରେ କେବେ କୌଣସି ଅଘଟଣ ଘଟିନାହିଁ। ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ ବିଭାଗ କେଉଁ ଉଦ୍ଦେଶ୍ୟରେ ମନ୍ଦିର ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ତାହା ତଦନ୍ତ ସାପେକ୍ଷ। ତେବେ ପ୍ରଶାସନର ଏହି କାର୍ଯ୍ୟ ଯୋଗୁ ଶ୍ରଦ୍ଧାଳୁ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଏ ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ପଚାରିବାରୁ ସୁରକ୍ଷା ଦୃଷ୍ଟିରୁ କେବଳ ଏକ ଅନୁଧ୍ୟାନ କରାଯାଉଛି। ନିକଟରେ ଜିଲାର ବରିଷ୍ଠ ଅଧିକାରୀଙ୍କ ବାସଗୃହ ରହୁଥିବାରୁ ସୁରକ୍ଷା ଦୃଷ୍ଟିରୁ ତଦନ୍ତ କରାଯାଉଛି । ମନ୍ଦିର ଭାଙ୍ଗିବା ତଥା କୌଣସି ଧର୍ମ ପ୍ରତି ଆଙ୍ଗୁଠି ଉଠାଇବା ଆମର ଉଦ୍ଦେଶ୍ୟ ନାହିଁ ବୋଲି ଏସ୍‌ପି ଶର୍ମା କହିଛନ୍ତି । ଯଦି ପ୍ରସିଦ୍ଧ କାଳମନ୍ଦିରର କୌଣସି ମଧ କ୍ଷତି କରିବାକୁ ଜିଲା ପ୍ରଶାସନ ଏବଂ ଜିଲା ପୋଲିସ ଚେଷ୍ଟା କରେ ତେବେ ଫ୍ରେଣ୍ଡସ୍ ୟୁଥ୍ ଆସୋସିଏଶନ ସମେତ ସହରର ସମସ୍ତ ଜନସାଧାରଣ ଓ ଶ୍ରଦ୍ଧାଳୁ ଏହାକୁ ଦୃଢ଼ ବିରୋଧ କରିବା ସହ ଆବଶ୍ୟକ ପଡ଼ିଲେ ଆଇନକୁ ହାତକୁ ନେବାକୁ ପଛାଇବେ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଜୁଲାଇ , ୨୦୨୩



## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ନନ୍ଦାହାଣ୍ଡି, ୧୭(ପ୍ରତାପ ଦାଶ)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପୋଡାଲଗୁଡା ପଞ୍ଚାୟତର ପାଞ୍ଚ ନଂ ମୁଖ୍ୟ ରାସ୍ତାରେ ଥିବା ଏକ ସିମେଣ୍ଟ ବିଦ୍ୟୁତ ଖୁଣ୍ଟ ବହୁତ ଦିନରୁ ବଙ୍କା ହୋଇ ବିପଦ ସଂକୁଳ ଅବସ୍ଥାରେ ରହିଛି। ଦିନକୁ ଦିନ ତାହା ଢଳି ପଡୁଥିବାରୁ ଭାଙ୍ଗିଯିବାର ଆଶଙ୍କା ଦେଖାଦେଇଛି। ଏହି ସିମେଣ୍ଟ ବିଦ୍ୟୁତ ପୋଲ ଉପରେ କିଛି ଆମ୍ବ ଗଛ ଡାଳ ଲାଗି ରହିଥିବାରୁ ବର୍ଷା ହେଲେ କରେଣ୍ଟ ଲାଗ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ହେଉନାହିଁ। ଏହି ରାସ୍ତା ଦେଇ ପ୍ରତି ଦିନ ଶତାଧିକ ଲୋକ ଯିବା ଆସିବା କରୁଛନ୍ତି। ଏ ନେଇ ବାରମ୍ବାର ବିଦ୍ୟୁତ ବିଭାଗକୁ ବାରମ୍ବାର ଜଣେଇଲେ ବି କେହି କର୍ଣ୍ଣପାତ କରୁନଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। କୌଣସି ପ୍ରକାର ଦୁର୍ଘଟଣା ଘଟି ଧନ ଜୀବନ ହାନିହେଲେ କିଏ ଦାୟୀ ରହିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାର ସମାଧାନ ପାଇଁ ଉଚିତ ପଦକ୍ଷେପ ନିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବେଶ ରାମ ସାହୁଙ୍କୁ ପଚାରିବାରୁ ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

### ଇନ୍ଦ୍ରାବତୀ ବୋଲବମ ମହାସଂଘର ପ୍ରଥମ ବୈଠକ

ତେନ୍ତୁଲିଖୁଣ୍ଟି, ୧୭(ଚିଦାନନ୍ଦ ସାହୁ)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ଗୋପାଳ ଶ୍ରୀକ୍ଷେତ୍ର ପ୍ରାଙ୍ଗଣରେ ଇନ୍ଦ୍ରାବତୀ ବୋଲବମ ମହାସଂଘ ପକ୍ଷରୁ ଚଳିତ ବର୍ଷର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। କେଉଁ ସପ୍ତାହରେ କେଉଁ ଶିବାଳୟରେ ଜଳାଭିଷେକ କରାଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସଂଘର ପାଣ୍ଠି ଆଦାୟ ସହ ବିଭିନ୍ନ ବ୍ୟୟ ବରାଦ ସମ୍ପର୍କୀୟ ଆଲୋଚନା ହୋଇଛି। ସଂଘ ପକ୍ଷରୁ ଆଗାମୀ ଦିନରେ କ'ଣ ସବୁ କାର୍ଯ୍ୟକ୍ରମ କରାଯିବ ସେ ନେଇ ସଦସ୍ୟଙ୍କଠାରୁ ମତାମତ ନିଆଯାଇଛି। ଚଳିତ ବର୍ଷ ଯୋଡ଼ା ଶ୍ରାବଣ ପଡୁଥିବାରୁ ଆସନ୍ତା ଜୁଲାଇ ୧୦ ସୋମବାରରୁ ଜଳାଭିଷେକ ଆରମ୍ଭ ହୋଇ ଅଗଷ୍ଟ ୩୦ ରାକ୍ଷୀ ପୂର୍ଣ୍ଣମାରେ ତାହା ଶେଷ ହେବ। ପ୍ରଥମ ସୋମବାର ଇନ୍ଦ୍ରାବତୀସ୍ଥିତ ପୋଡାଗଡ ନଦୀଘାଟରୁ ଜଳ ନେଇ କପୁରସ୍ଥିତ ନିଳକଣ୍ଠେଶ୍ୱର ମନ୍ଦିରରେ ଜଳାଭିଷେକ ସାଙ୍ଗକୁ ଗୋପାଳ ଶ୍ରୀକ୍ଷେତ୍ରରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ନେଇ ବୈଠକରେ ସ୍ଥିର ହୋଇଛି। ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ଜଳାଭିଷେକ କାର୍ଯ୍ୟ ସମାପନ ପାଇଁ ଲକ୍ଷ୍ୟ କଣାଯାଇଥିବା ସଂଘ ଉପଦେଷ୍ଟା ଗୋପାଳ କୃଷ୍ଣ ଭଞ୍ଜ ସଭାପତି ଚନ୍ଦ୍ର ଶେଖର ଦଳେଇ କହିଛନ୍ତି। ଏହି ବୈଠକ ରେ ସମ୍ପାଦକ ହିନ ସ୍ୱାଇଁ, ନିଲୁ ପଣ୍ଡା, ଭୀମ ସାହୁ, କାଳିଆ ସାବତ, ଭବାନୀ ଶଙ୍କର, କୋରା ପ୍ରଧାନ, ଚନ୍ଦନ ନାୟକଙ୍କ ସମେତ ବୋଲବମ ମହାସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପୂର୍ବତନ ବିଧାୟକ ସୁବାସ ଗଣ୍ଡ ସ୍ତ୍ରୀଙ୍କ ସହ ଥାନାର ଦ୍ୱାରସ୍ଥ

ଉମରକୋଟ,୧୭(ସନ୍ତୋଷ ଶତପଥୀ)

ସାମାଜିକ ଗଣମାଧମରେ କଟୁ ମନ୍ତବ୍ୟ ଲେଖାକୁ ନେଇ ଉମରକୋଟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁବାସ ଗଣ୍ଡ ଓ ସ୍ତ୍ରୀ ନବୀନା ନାୟକ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିଛି ରାଜନୈତିକ ଗୋଷ୍ଠୀ ମୋ ପରିବାର ବିରୋଧରେ ଚକ୍ରାନ୍ତ ଚଳାଇଛନ୍ତି। ସମାଜରେ ମୋର ସମ୍ମାନହାନି କଲା ଭଳି ଲେଖା ସବୁ ସାମାଜିକ ଗଣମାଧମରେ ଲେଖୁଛନ୍ତି। ତେଣୁ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି ସୁବାସ ଗଣ୍ଡ କହିଛନ୍ତି।

ସୂଚନାନୁଯାୟୀ ଉମରକୋଟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ସୁବାସ ଗଣ୍ଡ ଓ ବର୍ତ୍ତମାନ ରାଇଘର ବ୍ଲକ ଅଧକ୍ଷା ନବୀନା ନାୟକଙ୍କ ଆତ୍ମ ସମ୍ମାନକୁ ହାନି ଘଟାଇଲା ଭଳି କିଛି କଟୁ ଲେଖା 'ଉମରକୋଟ ଖବର' ନାମକ ଏକ ଫେସ୍‌ବୁକ୍ ଆକାଉଣ୍ଟ ଖୋଲାଯାଇ ସେଥିରେ ପୋଷ୍ଟ କରାଯାଇଛି। ୨୦୧୯ ନିର୍ବାଚନ ହାରିବା ପରେ ସୁବାସ ଓ ତାଙ୍କ ସ୍ତ୍ରୀ ୩ବର୍ଷ ହେଲା ଅଜ୍ଞାତବାସରେ ରହିଥିଲେ। କୌଣସି କର୍ମୀଙ୍କ ସହ ତାଙ୍କର ଭଲ ସମ୍ପର୍କ ନାହିଁ ଓ ରାଇଘରରେ ଗୋଷ୍ଠୀ କନ୍ଦଳ ଲାଗି ରହିଛି ବୋଲି ସେଥିରେ ଉଲ୍ଲେଖ ଅଛି। ସୁବାସ ଗଣ୍ଡଙ୍କ ସ୍ତ୍ରୀ ତଥା ରାଇଘର ବ୍ଲକ ଅଧକ୍ଷା ନବୀନା ନାୟକ ଭଲ ଭାବରେ ନିଜ ଦସ୍ତଖତ କରିପାରନ୍ତି ନାହିଁ। ସେ କୌଣସି ସ୍କୁଲରେ ପଢ଼ି ନ ଥିବାବେଳେ ଉମରକୋଟ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଅଛନ୍ତି।



ସୁବାସ ଗଣ୍ଡ, ସ୍ତ୍ରୀ ନବୀନା ନାୟକଙ୍କ ସହ ରାଇଘର ଥାନାରେ ଅଭିଯୋଗ ପତ୍ର ଦେଉଛନ୍ତି।

**ସାମାଜିକ ଗଣମାଧମରେ କଟୁ ମନ୍ତବ୍ୟ ଲେଖାର ତଦନ୍ତ ଦାବି**

ନବୀନା ଓଡ଼ିଆ ଓ ଇଂରାଜୀରେ ଭଲ ଭାବରେ ପଢ଼ିପାରନ୍ତି ନାହିଁ। ତେଣୁ ତାଙ୍କୁ ଟିକେଟ ନ ଦେଇ ପୌରାଧକ୍ଷା ରାଧା ଭତ୍ରାଙ୍କୁ ଦିଆଯାଉ ବୋଲି ଉକ୍ତ ପୋଷ୍ଟରେ ଲେଖାହୋଇଥିବା ନେଇ ସୁବାସ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଉପରୋକ୍ତ ସମସ୍ତ ଲେଖା ମୋ ପରିବାରକୁ ଆଧାରକରି ଲେଖାଯାଇଛି। ମୋ ସ୍ୱାଭିମାନକୁ ଆଘାତ ପହଞ୍ଚାଇଥିବାରୁ ଥାନାରେ ଲିଖିତ ଅଭିଯୋଗ କରିଛୁ। ଉକ୍ତ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣି ଉପଯୁକ୍ତ ଦଣ୍ଡ ଦିଆଯାଉ ବୋଲି ସୁବାସ ଦାବି କରିଛନ୍ତି।

# ସାମାଜିକ କର୍ମୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

ଚନ୍ଦାହାଣ୍ଡି, ୧୭ (ଦିଲୀପ ଦାସ)



ସାମାଜିକ କର୍ମୀ ଦିଲୀପ ଦାସ ପୁରସ୍କାର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ସାମାଜିକ କର୍ମୀ ଦିଲୀପ ଦାସଙ୍କୁ ଦ୍ୱିତୀୟ ଥର ପାଇଁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଚରକ ବନରେ ଆୟୋଜିତ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜିଲାର ୧୦ ବ୍ଲକରୁ ୧୦ଜଣଙ୍କୁ ମାନପତ୍ର ସହ ୧୦ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ବ୍ଲକରୁ ସାମାଜିକ କର୍ମୀ ଦିଲୀପ ଦାସଙ୍କୁ ପୁରସ୍କୃତ କରାଯାଇଛି। ଦିଲୀପ ପ୍ରତି ବର୍ଷ ଚାରାରୋପଣ ସହ ଜନସାଧାରଣଙ୍କୁ ସଚେତନତା ମାଧମରେ ପରିବେଶ ସୁରକ୍ଷା ବାର୍ତ୍ତା ଦିଅନ୍ତି। ସେ ପୂର୍ବରୁ ରାଜ୍ୟ ଓ ଜାତୀୟସ୍ତରରେ ସମାଜସେବା ପାଇଁ ଅନେକ ପୁରସ୍କାର ପାଇଛନ୍ତି।

# ୫ଏସ୍ଏଚ୍‌ଜିର ମହିଳାଙ୍କୁ ମାଣ୍ଡିଆ ଚୂନା ମେଶିନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଅତିଥି ଓ ଏସ୍ଏଚ୍‌ଜି ମହିଳାମାନେ।

ତେନ୍ତୁଲିଖୁଣ୍ଟି, ୧୭(ଚିଦାନନ୍ଦ ସାହୁ)

ଓଡ଼ିଶା ମିଲେଟ ମିଶନ (ଓଏମ୍ଏମ୍), ନବରଙ୍ଗପୁର କୃଷି ବିଭାଗ ଏବଂ ଅଗ୍ରଗାମୀ ସଂସ୍ଥା ପକ୍ଷରୁ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣରେ ୫ଏସ୍ଏଚ୍‌ଜିର ମହିଳାଙ୍କୁ ମାଣ୍ଡିଆ ଚୂନା ମେଶିନ ପ୍ରଦାନ କରାଯାଇଛି। ଏହି ସମୟରେ ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଓଡ଼ିଶା ମିଲେଟ ମିଶନ ଅତିରିକ୍ତ ବ୍ଲକ ସଂଯୋଜକ ନିଶାନ୍ତ କୁମାର ବିଷୋୟୀ, ଅଗ୍ରଗାମୀର ପ୍ରକଳ୍ପ ନିର୍ଦ୍ଦେଶକ ଜଗନ୍ନାଥ ଜେନା, ନବଗାମୀ ଏଫ୍‌ପିସିର ମୁଖ୍ୟ ନିର୍ବାହୀ ଅଧିକାରୀ ନିରୋଦ କୁମାର ପଣ୍ଡା, ସିଆର୍‌ପି ଜୟ ପାତ୍ର, ଟଙ୍କଧର ଝଡ଼ିଆ ଏବଂ ପ୍ରଦ୍ୟୁମ୍ନ ବାଘ ଉପସ୍ଥିତ ଥିଲେ। ଏହି ମେଶିନ ସାହାଯ୍ୟରେ ମାଣ୍ଡିଆକୁ ଚୂନାକରି ଲଡୁ, ପିଠା, ପକୁଡ଼ି ଆଦି ତିଆରିକରି ତାହାକୁ ବିକି ସ୍ୱାବଲମ୍ବୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ତେନ୍ତୁଲିଖୁଣ୍ଟି ଗ୍ରାମର ତୁଳସୀ, ପୂଜାରୀଗୁଡ଼ା ପଞ୍ଚାୟତ ଖୁଣ୍ଟିପଦର ଗ୍ରାମର ମା ଧରଣୀ, ମଞ୍ଚଗାଁ ପଞ୍ଚାୟତ ବିରିଗୁଡ଼ା ଗ୍ରାମର ମଦର ଟେରେସା, ଗୌଡ଼ ଦେଓପାଲି ପଞ୍ଚାୟତ ସଦର ଗାଁର ମା' ସନ୍ତୋଷୀ ଏବଂ କାନ୍ଦ୍ରାଗୁଡ଼ା ଗ୍ରାମର ଏକ ଏସ୍ଏଚ୍‌ଜିକୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଫିସ ପକ୍ଷରୁ ଚିହ୍ନଟ କରାଯାଇ ମେଶିନ ଦିଆଯାଇଛି। ଉପରୋକ୍ତ ଗୋଷ୍ଠୀର ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ଏହି ମେଳାରେ ଯୋଗ ଦେଇଥିଲେ। ବ୍ଲକ ଅଫିସ ଓ ଆଇସିଡିଏସ୍ କର୍ମଚାରୀ ଏହି ଯନ୍ତ୍ରପାତି ବିତରଣ ମେଳାରେ ଉପସ୍ଥିତ ଥିଲେ।

# ଅଟୋ ଚାଳକଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୭(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଶନିବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ସେ ଅଭିଯୁକ୍ତ ଅଟୋ ଚାଳକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ଭଞ୍ଜନଗରର ଭାସ୍କର ସାହୁ (୫୯)। ସେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ପ୍ରକାଶ ଯେ, ଭଞ୍ଜନଗର ଅଞ୍ଚଳର ଜଣେ ୭ ବର୍ଷର ନାବାଳିକା ଅଭିଯୁକ୍ତ ଭାସ୍କରଙ୍କ ଅଟୋରେ ଏକ ଘରୋଇ ଇଂଲିଶ ମାଧ୍ୟମ ସ୍କୁଲକୁ ଯିବାଆସିବା କରନ୍ତି। ୨୦୧୯ ସେପ୍ଟେମ୍ବର ୨୦ରେ ଭାସ୍କର ସମ୍ପୃକ୍ତ ନାବାଳିକାଙ୍କୁ ଅଟୋରେ ସ୍କୁଲରୁ ଆଣି ରାସ୍ତାର ଏକ ନିର୍ଜନ ସ୍ଥାନରେ ବଳାତ୍କାର କରିଥିଲେ। ପରେ ଛାତ୍ରୀଙ୍କୁ ତାଙ୍କ ଘରେ ଛାଡ଼ି ଦେଇ ଚାଲି ଯାଇଥିଲେ। ଛାତ୍ରୀ ଜଣକ ଭୟଭୀତ ହୋଇ କାନ୍ଦିବାରୁ ତାଙ୍କ ମା' ଘଟଣା ସମ୍ପର୍କରେ ପଚାରିଥିଲେ। ସେ ତାଙ୍କ ମା'ଙ୍କୁ ସବୁକଥା କହିଥିଲେ। ପରେ ପୀଡ଼ିତାଙ୍କ ମା' ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୯୭/୧୯ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଅଟୋ ଚାଳକ ଭାସ୍କର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ସୁଦୀପ୍ତ କୁମାର ସାହୁ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଉକ୍ତ ମାମଲାର ବିଚାର ବେଳେ କୋର୍ଟରେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ଉକ୍ତ ମାମଲାର ରାୟ ପ୍ରକାଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଭାସ୍କରଙ୍କୁ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ପୋଲିସର ଅଭିଯୋଗ ଫର୍ଦ୍ଦକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ସାଙ୍ଗଠନିକ କାର୍ଯ୍ୟ ସୁଦୃଢ଼ କରିବାକୁ ଆଲୋଚନା



ରାଜ୍ୟ ଓଷ୍ଟା ସଂଘ ଉପସଭାପତି ଅରୁଣ କୁମାର ବଳଙ୍କୁ ସମ୍ମାନିତ କରାଯାଉଛି।

ଝରିଗାଁ,୧୭(କିଶୋର ଚନ୍ଦ୍ର ମଣ୍ଡଳ)

**ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ବୈଠକ**

ନବରଙ୍ଗପୁର ଜିଲା ଧୋଡ୍ରାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲା ସଭାପତି ବଂଶୀଧର ଭୂୟାଁ ଓ ସମ୍ପାଦକ ମିହିର କାନ୍ତି ଡାଲିଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସଂଘର ଜିଲା ଓ ବ୍ଲକ କର୍ମକର୍ତ୍ତା ଯୋଗ ଦେଇଥିଲେ।

ଜିଲାରେ ଅନୈତିକଭାବେ ଦୀର୍ଘ ଦିନ ଧରି ଡେପୁଟେସନ ବିଷୟରେ ଆଲୋଚନା କରାଯାଇଥିଲା। ଏହିକ୍ରମରେ ପୁନର୍ବାର ଡିଇଓ ଏବଂ ଜିଲାପାଳଙ୍କୁ ଭେଟିବାକୁ ମତ ପ୍ରକାଶ ପାଇଛି। ଏଥିସହ ଅନ୍ୟ ବିଳମ୍ବିତ ଅଫିସ କାର୍ଯ୍ୟ ଓ ସଂଘର ସାଙ୍ଗଠନିକ କାର୍ଯ୍ୟ ସୁଦୃଢ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିରେ ଜିଲାରୁ ରାଜ୍ୟ ସଂଘକୁ ନିର୍ବାଚିତ ହୋଇଥିବା ଅରୁଣ କୁମାର ବଳ (ରାଜ୍ୟ ଓଷ୍ଟା ସଂଘ ଉପସଭାପତି) ଓ ସନ୍ତୋଷ କୁମାର ସାହୁ (ଓଷ୍ଟା ମାସିକ ମୁଖପତ୍ର 'ଶିକ୍ଷା ପ୍ରଦୀପ'ର ଯୁଗ୍ମ ସମ୍ପାଦକ) ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୂତନ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଜଗନ୍ନାଥ ହାଇସ୍କୁଲ ପ୍ରଧାନଶିକ୍ଷକ ଦୁଲାଲ ବାରୋଇ, ଜିଲା ଉପସଭାପତି ଭାବେ ପୂର୍ଲା ହାଇସ୍କୁଲସହକାରୀ ଶିକ୍ଷକ ଶରତ କୁମାର ଗିରିଙ୍କୁ ସର୍ବସମ୍ମତି ଭାବେ ଚୟନ କରାଯାଇଥିଲା। ବୈଠକରେ ଦେବାଶିଷ ନନ୍ଦି, ବିଦ୍ୟୁତପ୍ରଭା ମିଶ୍ର, ପ୍ରଭାତ କୁମାର ନାୟକ, ଶ୍ରୀନିବାସ ମହାରଣା, ଅକ୍ଷୟ କୁମାର ଜେନା, ଦିଲ୍ଲୀପ କୁମାର ସାହୁ, ଗୌତମ କୁମାର ବେହେରା, ଅଜୟ କୁମାର ନନ୍ଦ, ଜିଆଉଲ୍ଲ ହୁସେନ, ପ୍ରଦୀପ୍ତ କୁମାର ବେହେରା, ଦୀପକ କୁମାର ପ୍ରଧାନ, ବାବୁରାମ ସାହୁ, ନଗେନ୍ଦ୍ର କୁମାର ରାଉତ, ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ଶତାଧିକ ଶିକ୍ଷକ, କର୍ମଚାରୀ ଯୋଗ ଦେଇଥିଲେ।

# ରକ୍ତହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ

ରାଇଘର, ୧୭(କିରଣ ପଟ୍ଟନାୟକ)



ରାଷ୍ଟ୍ରୀୟ ରକ୍ତ ଶିକୁଳି ଜନିତ ରକ୍ତ ହୀନତା ନିରାକରଣ ଅଭିଯାନର ଶୁଭାରମ୍ଭ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଗଞ୍ଜାପରା ଉପକେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ସାଦଲରେ ଶୁଭାରମ୍ଭ କରିଥିଲେ। ଏହାର ସିଧା ପ୍ରସାରଣ ଗଂଜାପରା ଉପକେନ୍ଦ୍ରରେ ଉପସ୍ଥିତ ଥିବା ସମସ୍ତ ଜନ ସାଧାରଣ ଶୁଣିଥିଲେ। ଏହି କାର୍ଯ୍ୟକ୍ରମ ରାଇଘର ବ୍ଲକର ସମସ୍ତ ଉପକେନ୍ଦ୍ରରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ଦଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦଶରଥ ନାଗ, ବିପିଓ ସୁରେଶ କୁମାର ବୋର୍ତ୍ତା, ସୁପରଭାଇଜର ଏମ୍.ରାମକୃଷ୍ଣ ରାଜୁ, ହାରାଧନ ସରକାର, ସୁପର ଭାଇଜର ସନ୍ଧ୍ୟାବାଳା ସ୍ୱାଇଁ, ସ୍ୱାସ୍ଥ୍ୟକର୍ମୀ କାଞ୍ଚନବାଳା ଜେନା, ନୀଳମାଧ ମିଶ୍ର, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁନୀଲ ଶର୍ମା, ଆଶା ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କ ମୃତଦେହ ଜବତ

ଦିଗପହଣ୍ଡି/ପାଟପୁର,୧୭
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ପଞ୍ଚାୟତ ଡେଙ୍ଗାଓସ୍ତା ଗ୍ରାମ ନିକଟ ରତ୍ନମଣିପୁର ସାହିରୁ ଝୁଲନ୍ତା ଅବସ୍ଥାରେ ସିଙ୍ଗପୁର ଗ୍ରାମର କୁନି ସାହୁଙ୍କ ମୃତଦେହ ପୋଲିସ ଜବତ କରିଛି। ଶନିବାର ମାନସିକ ଭାରସାମ୍ୟ ହରାଇ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ପାଟପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଛି।

# ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

ରାଇଘର, ୧୭ (କିରଣ ପଟ୍ଟନାୟକ)

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୮ ଦଫା ଦାବିପତ୍ର**

ନବରଙ୍ଗପୁର ଜିଲା ରାଇଘର ବ୍ଲକ କାର୍ଯ୍ୟାଳୟକୁ ଭାଜପା କର୍ମୀମାନେ ଘେରାଉ କରିଛନ୍ତି। ଏହା ସହ ରାଇଘର ବିଡିଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଛି।

ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରମେଶ ସାହୁ, ସନ୍ତୋଷ ମହାପାତ୍ର,ପୂର୍ବତନ ଜିଲା ପରିଷଦ ସଭ୍ୟା ପ୍ରୀତିସ୍ନିଦା ମହାପାତ୍ର,ସଭ୍ୟ ସୁଦର୍ଶନ ମାଝି, ପୂର୍ବତନ ବ୍ଲକ ଅଧକ୍ଷା ବିନ ଗଣ୍ଡଙ୍କ ସମେତ ଭଜପା କର୍ମୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ବ୍ଲକ କାର୍ଯ୍ୟଳୟ ସମ୍ମୁଖରେ ପହଞ୍ଚି ହୋ ହାଲ୍ଲା କରିଥିଲେ। ଅଞ୍ଚଳରେ ସମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନେକ ଅଘଟଣ ଘଟି ଚାଲିଛି। ଏହା ପରେ ମଧ ରାଜ୍ୟ ସରକାର ଏ ଦିଗରେ କୌଣସି ଗୁରୁତ୍ୱ ଦେଉ ନଥିବା ଦେଖିବାକୁ ମିଳୁଛି। ଅନେକ ଶିଳା ନ୍ୟାସ ହେଉଛି କିନ୍ତୁ ପିସି କାରବାର ଓ ଦୁର୍ନୀତି ଏତେ ମାତ୍ରାରେ କାୟା ବିସ୍ତାର କରିଛିଯେ, ଉନ୍ନୟନ କାର୍ଯ୍ୟ ଶୁନ୍ୟ ହୋଇଯାଇଛି ବୋଲି ଦବିପତ୍ରରେ ଉଲ୍ଲେଖ ରହିଛି। ୫-ଟି ନାମରେ ନାମରେ ଦୁର୍ନୀତି ହେଉଛି, ଏହାର ତଦନ୍ତ କରିବାକୁ ଭାଜପା ଦାବି କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେସିନ୍ ଦ୍ୱାରା କାର୍ଯ୍ୟ ହେଉଛି। ଏହାକୁ ବନ୍ଦ କରି ଗରୀବ ଶ୍ରମିକଙ୍କୁ କାର୍ଯ୍ୟ କରିବା, ଉମରକୋଟ ବିଧାୟକଙ୍କୁ ଅବଗତି ନ କରି ବିନା ଟେଣ୍ଡରରେ କାର୍ଯ୍ୟ କରାଯାଉଛି। ତାହକୁ ବନ୍ଦ କରିବାକୁ ଦାବି ହୋଇଛି। ରାଇଘର ଅଞ୍ଚଳରେ ପାନୀୟ ଜଳ ଯୋଗାଣ, ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଗୃହ ପ୍ରଦାନ, ସ୍ଥାନୀୟ ଅଞ୍ଚଳରେ ଗୁହାଳ ଗୃହ ଶୀଘ୍ର କାର୍ଯ୍ୟକାରୀ, ଭତ୍ତା ଯୋଗାଣ ପାଇଁ ଲାଞ୍ଚ ମଗାଯାଉଛି। ଏଥିସହ ହିତାଧିକାରୀଙ୍କୁ ଭତ୍ତା ମିଳୁନି। ଅତିଶୀଘ୍ର ଭତ୍ତା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।



ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ଅନାବଶ୍ୟକ ଖର୍ଚ୍ଚ ବନ୍ଦ କରି ସଞ୍ଚୟ କରିବାକୁ ପରାମର୍ଶ

**ଆର୍ଥିକ ସଚେତନତା ଶିବିର**

ଡାବୁଗାଁ,୧୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡଙ୍ଗରିଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ୬୮ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ଆର୍ଥିକ ସାକ୍ଷରତା ସମ୍ପର୍କରେ ଷ୍ଟେଟ ବ୍ୟାଙ୍କ ଓ ବିତ୍ତିୟ ସାକ୍ଷରତା କେନ୍ଦ୍ର କୋଷାଗୁମୁଡା ପକ୍ଷରୁ ଏକ ଆର୍ଥିକ ସାକ୍ଷରତା ସଚେତନତା ଶିବିର କରାଯାଇଛି। ସମସ୍ତେ କିପରି ଆର୍ଥିକ ଅନ୍ତର୍ଭୁକ୍ତ କରଣ ହେବାସହ, ଆର୍ଥିକ ଯୋଜନା ଓ ଅଟକଳ ପ୍ରସ୍ତୁତ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ସଞ୍ଚୟ ଏବଂ ନିବେଶ କଣ ସେ ନେଇ ଅବଗତ ହେବା, ଆର୍ଥିକ ଯୋଜନା କରିବାର ୩ଟି ମନ୍ତ୍ର ଯଥା ନିୟମିତ ନିଜ ରୋଜଗାରରୁ ସଞ୍ଚୟ କରିବା, ଆୟରୁ ଅଧିକ ଖର୍ଚ୍ଚ ନ କରିବା, ଅନାବଶ୍ୟକ ଖର୍ଚ୍ଚ ବନ୍ଦ କରିବା ସହ ନିୟମିତ ସଞ୍ଚୟ କରିବାକୁ ପରାମର୍ଶ ଦିଆଯାଇଛି। ବ୍ୟାଙ୍କର ସମସ୍ତ ଯୋଜନାରେ ସମସ୍ତ ଗ୍ରାହକ କିପରି ଲାଭାନ୍ୱିତ ହୋଇପାରିବେ ସେ ନେଇ ଆଲୋଚନା ହୋଇଛି। ବ୍ୟାଙ୍କ ଠକେଇରୁ ବଞ୍ଚିବାର ବିଭିନ୍ନ ଉପାୟ, ବ୍ୟାଙ୍କ ଋଣ ନେଣଦେଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ବାର୍ଷିକ ୪୩୬ ଟଙ୍କା ନିବେଶରେ ୨ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରାପ୍ତ (ବୟସ ୧୮ – ୫୦ ବର୍ଷ), ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା(ଦୁର୍ଘଟଣା ଜନିତ ବୀମା )ଯାହାକି ବାର୍ଷିକ ୨୦ ଟଙ୍କା ନିବେଶରେ ୨ ଲକ୍ଷ ଟଙ୍କା ଆର୍ଥିକ ସହଯୋଗ( ବୟସ ୧୮ –୭୦ବର୍ଷ) ଗ୍ରାହକ ପାଇପାରିବେ। ଅଟଳ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଗ୍ରାହକଙ୍କ ଅଭିଯୋଗ ଶୁଣି ତାହାର ସମାଧାନର ଦିଗ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜୟପୁର ଏସ୍‌ବିଆଇ ମୁଖ୍ୟ ପ୍ରବନ୍ଧକ ସରୋଜକାନ୍ତ ବେହେରା, ଲିଡ୍ ବ୍ୟାଙ୍କ ମ୍ୟାନେଜର ସୁନୀଲ କୁମାର ଜାମୁଡା, ଆସିଷ୍ଟାଣ୍ଟ ଲିଡ ବ୍ୟାଙ୍କ ମ୍ୟାନେଜର ନୀଳାଚଳ ସାହୁ, ଡାବୁଗାଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ସିଏଫ୍ଏଲ କୋଅର୍ଡିନେଟରେ ପଙ୍କଜ ଚନ୍ଦ୍ର ନାୟକ, ଡାବୁଗାଁ ଆସୋସିଏଟ ଭୂଷଣ ଚନ୍ଦ୍ର ବେନିଆ, ପାପଡାହାଣ୍ଡି ଆସୋସିଏଟ ଅଜିତ କୁମାର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡଙ୍ଗାରିଗୁଡା ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

